● ଗଜପତି ଉତ୍ସବ ଅବ୍ୟବସ୍ଥା

## ବାହାର ଲୋକଙ୍କୁ କେବଳ ଡାଲମା ଭାତ



**ପାରଳାଖେମୁଣ୍ଡି,୧୯ ।୧୨(ସମିସ):** ବୁଧବାର ପ୍ରଥମ ସନ୍ଧ୍ୟାରେ ଗୋଟିଏ ପଟେ ଗଜପତି ମହୋତ୍ସବ ଆରମ୍ଭ ହୋଇଛି। ହେଲେ ବାହାର ଜିଲ୍ଲା ତଥା ରାଜ୍ୟରୁ ଆସିଥିବା ବିଭିନ୍ନ ଦଳକୁ ଖାଦ୍ୟପେୟ ସଠିକ୍ ମିଳି ନ ଥିବା ଅଭିଯୋଗ ହୋଇଛି। "ଅତିଥି ଦେବ ଭବ' ତାତ୍ପର୍ଯ୍ୟକୁ ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଅତିଥିଙ୍କ ଲାଗି ଗଜପତି ଉତ୍ସବ ପାଳନ ପାଇଁ ବିଭିନ୍ନ କମିଟି କରାଯାଇଛି। ଉତ୍ସବ ନିମନ୍ତେ ଜିଲ୍ଲାକୁ ଆସିଥିବା କଳାକାରଙ୍କ ସମେତ ଅନ୍ୟଙ୍କୁ ଅତିଥି ସତ୍କାର ଲାଗି ୧୭ ତାରିଖ ଠାରୁ ୨୨ ତାରିଖ ରାତ୍ର ପର୍ଯ୍ୟନ୍ତ ସକାଳର ଜଳଖିଆ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଓ ରାତ୍ରକାଳୀନ ଭୋଜନ ଲାଗି ବିଭିନ୍ନ ବ୍ୟଞ୍ଜନ ପରଷିବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଉତ୍ସବକୁ ଧୂମ୍‌ଧାମ୍ ରେ ପାଳନ ପାଇଁ ସମସ୍ତ ପ୍ରକାରର ସୁବନ୍ଦୋବସ୍ତ କରାଯାଇଥିବା କୁହାଯାଇଛି। ବୁଧବାର ରାତି ଭୋଜନରେ ଉତ୍ସବକୁ ଆକର୍ଷଣ କରିବାପାଇଁ ନିୟୋଜିତ ଥିବା କର୍ମକର୍ତ୍ତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ କେବଳ ଡାଲମା ଭାତ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହା ସହ ପ୍ରସ୍ତୁତ ହୋଇଥିବା ବ୍ୟଞ୍ଜନ ଆବଶ୍ୟକତା ଠାରୁ କମ୍ ରନ୍ଧା ଯାଇଥିବାରୁ ବାଧ୍ୟ ହୋଇ ଏପରି ଡାଲମାଭାତ ଦିଆଯାଇଥିବା କୁହାଯାଇଛି। ତେବେ ବର୍ଣ୍ଣାଢ୍ୟ ଉତ୍ସବରେ ଏପରି ନିଅଣ୍ଟିଆ ରନ୍ଧା ଓ ଅତିଥିଙ୍କୁ ଡାଲମା ଭାତ ଦିଆଯାଇଥିବାକୁ ନେଇ ସାଧାରଣରେ ସମାଲୋଚନା କରାଯାଉଛି।

## ଢେପାପଦର ଗାଁରେ ପାନୀୟ ଜଳ ସମସ୍ୟା



**ମୋହନା,୧୯।୧୨(ସମିସ):** ପାଣି ସମସ୍ୟାରେ ଗଜପତି ଜିଲ୍ଲା ମୋହନା ବ୍ଲକ ଲିଲିଗଡ ପଞ୍ଚାୟତ ଢେପାପଦର ଗ୍ରାମବାସୀ। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଗାଁରେ ପାଇପ ଲଗାଯାଇଥିଲେ ମଧ୍ୟ ପାଣି ମିଳୁନି । ଏନେଇ ମୋହନା ବିଡିଓ, ସରପଞ୍ଚ, ୱାର୍ଡସଭ୍ୟ ସମସ୍ତଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି। ଗାଁର ପାଣି ସମସ୍ୟା ଦୂର ନହେଲେ ଖୁବ ଶୀଘ୍ର ଆନ୍ଦୋଳନ ସହ ହାଣ୍ଡି ମାଠିଆ ରଖି ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ମହିଳା । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଗାଁରେ ପ୍ରାୟ ୭୦ ପରିବାର ଅଛନ୍ତି। ପିଇବା ପାଣି ପାଇଁ ନଳକୂପ ଖୋଳାଯାଇଥିଲା।ହେଲେ ନଳକୂପରୁ ଲାଲ୍ ରଙ୍ଗର ପାଣି ବାହାରିଲା। ଏନେଇ ବିଡ଼ିଓଙ୍କୁ ଜଣାଇଥିଲେ ଗ୍ରାମବାସୀ। ଏହାପରେ ଉକ୍ତ ନଳକୂପକୁ ସିଲ କରିଦେଇଛନ୍ତି ପ୍ରଶାସନ। ଏହାପରେ ପାନୀୟ ଜଳ ସୁବିଧା ପାଇଁ ଗାଁକୁ ପାଇପ ସଂଯୋଗ କରାଯାଇଛି । କିଛି ଦିନ ପାଣି ଆସିବା ପରେ ଏବେ ପ୍ରାୟ ଦେଢ଼ ବର୍ଷ ହେଲା ଆଉ ପାଣି ଆସୁନି। ତେଣୁ ବାଧ୍ୟ ହୋଇ ନାଳ, ଝରଣାରୁ ପାଣି ଆଣି ପିଉଥିବା କହିଛନ୍ତି ଗ୍ରାମବାସୀ। ଏଥିଯୋଗୁଁ ଲୋକେ ଅନେକ ସମୟରେ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ପଞ୍ଚାୟତରେ ଗ୍ରାମବାସୀ ଜଣାଇଲେ କେଉଁଠି ପାଇପ ଫାଟି ଯାଇଥିବ କହି ଚୁପ ରହୁଛନ୍ତି। କିନ୍ତୁ ଗାଁର ପାଣି ସମସ୍ୟା ଦୂର କରିବାକୁ କେହି ପଦକ୍ଷେପ ନେଉନାହାନ୍ତି। ତେଣୁ ତୁରନ୍ତ ପାଣି ସମସ୍ୟା ଦୂର କରିବାକୁ ଦାବି କରିଛନ୍ତ। ପଦକ୍ଷେପ ନ ନେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ମହିଳା। ଏନେଇ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଅରୁଣ ଜେନାଙ୍କୁ ପଚାରିବାରେ ଖୁବଶୀଘ୍ର ପାଣି ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ସଫା ହେଉନି ନାଳନର୍ଦ୍ଦମା; ଭୟ ବଢ଼ାଉଛି ମୁକୁଳା ଡ୍ରେନ୍

**ଗୁମ୍ମା,୧୯।୧୨(ସମିସ)**

ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜରିଆରେ ସରକାର କୋଟି କୋଟି ଟଙ୍କା ସ୍ୱଚ୍ଛତା ଦିଗରେ ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ସ୍ୱଚ୍ଛତା କେବଳ କାଗଜକଲମରେ ସୀମିତ ରହିଥିବା ଦେଖିବାକୁ ମିଳିଛି। ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ପାଇକ ସାହି, ଖ୍ରୀଷ୍ଟିଆନ ସାହି ଓ ହାଟପଦା ଛକ ରାସ୍ତା କଡ଼ର ଡ୍ରେନ ଅବସ୍ଥା ଶୋଚନୀୟ ହୋଇରହିଛି। ଗୁମ୍ମା ପଞ୍ଚାୟତର ବିଭିନ୍ନ ସ୍ଥାନରେ ନାଳ ନର୍ଦ୍ଦମା ସଫା ହୋଇ ନ ଥିବାରୁ ଜଳ ନିଷ୍କାସନ ନ ହୋଇ ବହୁ ସ୍ଥାନରେ ପାଣି ଜମି ରହୁଛି। ଏପରିକି କେତେକ ସ୍ଥାନରେ ଡ୍ରେନ ସଂପୂର୍ଣ୍ଣ ପୋତି ହୋଇଯାଇଥିବାରୁ ଦୂଷିତ ଜଳ ନିଷ୍କାସନ ନ ହୋଇ ମୁଖ୍ୟ ରାସ୍ତା ଉପରେ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ଠିକ ସମୟରେ ଏସବୁ ନାଳ ମରାମତି ଓ ସଫେଇ କରାଯାଇ ନ ଥିବାରୁ ଏଭଳି



ସମସ୍ୟା ସୃଷ୍ଟି ହେବାରେ ଲାଗିଛି। ଏଭଳି ସ୍ଥିତିରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହେଉଛି। ହେଲେ ଗୁମ୍ମା ପଞ୍ଚାୟତର ଅଙ୍କୁଶ ଅଛି ନା ବ୍ଲକ ପ୍ରଶାସନ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଆଗ୍ରହ ଅଛି ବୋଲି ବୁଦ୍ଧିଜୀବୀ କହିଛନ୍ତି।

ସରକାର ଅଞ୍ଚଳର ବିକାଶ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଏସବୁ ଅର୍ଥ ଉପଯୁକ୍ତ ମାର୍ଗରେ ଖର୍ଚ୍ଚ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବରିଷ୍ଠ ନାଗରିକ ଓ

### ମଶା ଦାଉରୁ ରକ୍ଷା ନାହିଁ, ଡେଙ୍ଗୁ ଆଶଙ୍କା

ପଥଚାରୀଙ୍କ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଆରାମ ଚେର୍ ନ ଥିବା ଗୁମ୍ମା ପଞ୍ଚାୟତର ଆନ୍ତରିକତା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ ଦେଉଛି। ସ୍ଥାନୀୟ ପ୍ରଶାସନ ଏନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗୁମ୍ମା ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଗୁମ୍ମା କାର୍ଯ୍ୟନିର୍ବାହୀ ଅଧିକାରୀଣୀ ଉର୍ବଶୀ ପାଣି ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

### ଗୋ-ଚାଲାଣ ବେଳେ ମାଡ଼ିବସିଲେ ଗ୍ରାମବାସୀ

## ଅଟୋ ସହ ୩ ଗୋରୁ ଉଦ୍ଧାର; ୩ ଗିରଫ

**ମୋହନା,୧୯।୧୨(ସମିସ):** ଗଜପତି ଜିଲ୍ଲା ଅଡବାରେ ଗୋ ଚାଲାଣ ବେଳେ ମାଡ଼ି ବସିଲେ ଗ୍ରାମବାସୀ। ଗୋଟିଏ ଅଟୋରେ ୩ ଗୋରୁକୁ ଗୋଡ଼ ବାନ୍ଧି ଅତ୍ୟନ୍ତ ଅମାନୁଷିକ ଭାବରେ ଚାଲାଣ କରାଯାଉଥିଲା। ଅଟୋ ସହ ଚାଲାଣକାରୀଙ୍କୁ ଧରି ଅଡବା ଥାନା ପୁଲିସ ଜିମାରେ ଦେଇଛନ୍ତି ଗ୍ରାମବାସୀ। ପୁଲିସ ଏକ ମାମଲା ରୁଜୁ କରି ୩ ଜଣ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ଦମାଦୁଆ ଗାଁର ରିଙ୍କୁ ନାୟକ, ସାବୁ ନାୟକ ଓ ଜଳେନ୍ଦ୍ର ନାୟକ ବୋଲି ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ଭୋର ସମୟରେ ଏକ ଅଟୋ ମୋହନାରୁ ଦମାଦୁଆ ଯାଉଥିଲା। ଅଟୋରେ କିଛି ଗୋରୁର ଗୋଡ଼ ବନ୍ଧା ହୋଇଥିବା ଦେଖି ଅଡବା ଗ୍ରାମବାସୀ ଅଟକାଇ ଥିଲେ। ଅଟୋରେ ଗୋରୁଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବରେ ବାନ୍ଧି ନେଉଥିବା ଦେଖି ଚାଲାଣ କାରୀଙ୍କୁ ଗ୍ରାମବାସୀ ଧରିବା ସହ ଅଡବା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିବା ସହ ୩ ଗୋରୁ ଉଦ୍ଧାର କରିଛି । ସ୍ଥାନୀୟ ଲୋକଙ୍କ ଏତଲା କ୍ରମେ ୩ ଚାଲାଣକାରୀଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା କହିଛନ୍ତି।



## ଫରେଷ୍ଟ ଟ୍ରେନିଂ ସ୍କୁଲ୍‌ରେ ବନ ସୁରକ୍ଷା ଶିବିର



**ଜି. ଉଦୟଗିରି୧୯ ।୧୨ (ସମିସ) :** ଫରେଷ୍ଟ ଟ୍ରେନି ସ୍କୁଲ ଠାରେ ତିନି ଦିନିଆ ବନ ସୁରକ୍ଷା ଉପରେ ଏକ କାର୍ଯ୍ୟକ୍ଷମ ଅନୁଷ୍ଠିତ ହୋଇଛି। ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇ ପାରିବ ସେ ଉପରେ ସମସ୍ତ ବନ କର୍ମଚାରୀ ଙ୍କୁ ବନ ଅଧିକାରୀ ମାନେ ସୂଚନା ଦେଇଥିଲେ।ଏହି କାର୍ଯ୍ୟକ୍ରମ ରେ ଡି ସି ଏଫ୍ ଦିବାକର ବେହେରା, ଏ ସି ଏଫ୍ କଳ୍ପନା ବେହେରା,କାଜଲ ନାୟକ,ମନୋ ରଞ୍ଜନ ବାଘ,ଅବସର ପ୍ରାପ୍ତ ଏ ସି ଏଫ୍ ବିଜୟ ହୋତା,ପ୍ରଣବ ମହାନ୍ତି ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।ଏହି କାର୍ଯ୍ୟକ୍ରମ କୁ ଫରେଷ୍ଟର ଶଙ୍କର ପଣ୍ଡା, ବଳବନ୍ତ ସିଂ, ନରୋତ୍ତମ ପ୍ରଧାନ ଓ ରାଜା ମହାରଣା ସହଯୋଗ କରିଥିଲେ।

## ରାଇକିଆ ବଣିକ ସଂଘର ପ୍ରତିଷ୍ଠା ଦିବସ



**ରାଇକିଆ,୧୯।୧୨(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ବଣିକ ସଂଘର ୬ଷ୍ଠ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି । ସଭାପତି ପଦ୍ମ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସତ୍ୟବାନ୍ ପାତ୍ର ଓ ପୂର୍ବତନ ବିଧାୟକ ମନୋଜ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ କରାଯାଇଥିଲା । ସଂପାଦକ ଦୂର୍ଯ୍ୟଧନ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ସନ୍ତୋଷ ପଣ୍ଡା, ବି. ତ୍ରିପତି ସୁବୁଦ୍ଧି, କୋଷାଧ୍ୟକ୍ଷ ସତୀଶ ପାତ୍ର, ସଂଗଠନ ସମ୍ପାଦକ ଶ୍ରୀ ନିବାସ, ସହସମ୍ପାଦକ ଦ୍ୟୁତିକୃଷ୍ଣ ପଣ୍ଡା, ଯୁଗ୍ମସମ୍ପାଦକ ଆର୍.ମହେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ସମସ୍ତ ସଦସ୍ୟ ଏବଂ ନିମନ୍ତ୍ରିତ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଥାନାରେ ଖ୍ରୀଷ୍ଟମାସ ପାଇଁ ଶାନ୍ତି କମିଟି ବୈଠକ



**ଦାରିଙ୍ଗବାଡ଼ି,୧୯।୧୨(ସମିସ):** ଖ୍ରୀଷ୍ଟମାସକୁ କିଭଳି ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବ ସେଥି ନେଇ ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ରାହ୍ମଣୀଗାଁ ପଞ୍ଚାୟତ ବିଭିନ୍ନ ଗ୍ରାମର ଗ୍ରାମମୁଖିଆ, ସ୍ୱେଚ୍ଛାସେବୀ, ବ୍ୟବସାୟ ଗୋଷ୍ଠୀ ଓ ଯୁବ ଗୋଷ୍ଠୀ ଯୋଗ ଦେଇଥିଲେ। ଥାନା ଅଧିକାରୀ ବିଜୟ କୁମାର ହାଇବୁରୁଙ୍କ ଅଧ୍ୟକ୍ଷତା କ୍ରମେ ଏସଆଇ ଅମରେନ୍ଦ୍ର ସୁବିଧା, ଏଏସଆଇ ଶଙ୍କର ୱାଡାକା ଓ ଏଏସଆଇ ସୁଶାନ୍ତ କୁମାର ଶବର ଉପସ୍ଥିତି ରହି ବଡ଼ ଦିନକୁ ଶାନ୍ତିଶୃଙ୍ଖଳା ସହକାରେ ପାଳନ କରିବା ପାଇଁ କହିଥିଲେ। ଦ୍ରୁତଗତି ଓ ମଦ୍ୟପ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି ରଖିଥିଲେ। ମୁଖ୍ୟତଃ ଅଞ୍ଚଳ ପାଇଁ ସୋମବାର ଶେଷ ହାଟ ବାର ଥିବାରୁ ଶୃଙ୍ଖଳିତ ବଜାୟ ରଖିବାକୁ ପୁଲିସ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ବୈଠକରେ ବିକ୍ରମ ବସ୍ତିରାୟ, ଗଣେଶ ଡାକୁଆ, ଶ୍ୟାମ ମହାଙ୍କୁଡ଼ ଓ ଦେବେନ୍ଦ୍ର ସିଂ ଓ ସାମ୍ବାଦିକ ସତ୍ୟାର୍ଥ ସିଂ ବଡଦିନ ପର୍ବ ଉପଲକ୍ଷେ ଅଞ୍ଚଳରେ ଭାଇଚାରା ବଜାଇ ରଖି ପାଳନ କରିବାରେ ସମସ୍ତେ ସହଯୋଗ କରିବାକୁ ବକ୍ତବ୍ୟ ରଖିଥିଲେ। ଶେଷରେ ଥାନା ପକ୍ଷରୁ କିଶାନସିଂ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ବଡ଼ଦିନ ପୂର୍ବରୁ ଶାନ୍ତି କମିଟି ବୈଠକ

**ଜି.ଉଦୟଗିରି,୧୯ ।୧୨(ସମିସ):** ବଡ଼ଦିନକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ସ୍ଥାନୀୟ ଏସଡିପିଓ ବିଜୟ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ତହସିଲଦାର ଫାଲଗୁନି ସାହୁ, ଜିପିଓ କୁମର ମଣି ମଲିକ, ଆଇଆଇସି ଭାଗବାନ ପୂଜାରୀ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ ମଞ୍ଚାସୀନ ହୋଇଥିବା ବେଳେ ଏନଏସି ଉପାଧ୍ୟକ୍ଷ ସନ୍ତୋଷ ବାଘ, କାଉନସିଲର, ସରପଞ୍ଚ, ଲଘୁ ସମ୍ପ୍ରଦାୟର ଲିଡର ପ୍ରଶାନ୍ତ ଦାସ, ରସାନନ୍ଦ ନାୟକ, ଆମନ ଚନ୍ଦ୍ର ନାୟକ, ଭୂପତି ନାୟକ, ସୂର୍ଯ୍ୟକାନ୍ତ ନାୟକ, ସଦାନନ୍ଦ ନାୟକ, କୁଇ ସମାଜ ସଦସ୍ୟ ଉଦେସନ ପ୍ରଧାନ ଓ ଅମନ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଚଳିତ ବର୍ଷ ବଡ଼ଦିନକୁ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇ ପାରିବ ସେଥିନେଇ ଆଲୋଚନା ହୋଇଥିଲା। ଉପସ୍ଥିତ ବୁଦ୍ଧିଜୀବୀ ବକ୍ତବ୍ୟ ରଖିଥିଲେ। ଆଇଆଇସି ଭାଗବାନ ପୂଜାରୀ ବଡ଼ଦିନକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ନିମନ୍ତେ ପୁଲିସ ତରଫରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରିଥିଲେ। ପୁଲିସ ଥାନା ଅନ୍ତର୍ଗତ ପ୍ରାୟ ୨୬ ଚର୍ଚ୍ଚ ଓ ପ୍ରାର୍ଥନା ଗୃହରେ ୪ ପ୍ଲାଟୁନ ପୁଲିସ ଫୋର୍ସ ସମେତ ଅଧିକାରୀ ଉପସ୍ଥିତ ରହିବା ସହ ଚବିଶ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ତା ସହ ସହରର ପ୍ରବେଶ ପଥରେ କଡ଼ା ଯାଞ୍ଚ କରାଯିବା ନେଇ ସୂଚନା ଦେଇଥିଲେ।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ 'ସ୍କୋପ୍ସ' ଉଦ୍‌ଘାଟିତ



**ପାରଳାଖେମୁଣ୍ଡି,୧୯ ।୧୨(ସମିସ):** ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟର ପାରଳାଖେମୁଣ୍ଡି କ୍ୟାମ୍ପସରେ ସଂକେତ ପ୍ରକ୍ରିୟାକରଣ, ଯୋଗାଯୋଗ, ଶକ୍ତି ଏବଂ ଏମ୍ବେଡେଡ୍ ପ୍ରକ୍ରିୟା ଉପରେ ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ "ସ୍କୋପ୍ସ' ଉଦଘାଟିତ ହୋଇଛି। ଏହି ତିନି ଦିନିଆ ବିଶ୍ୱସ୍ତରୀୟ ସମ୍ମିଳନୀ ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଛି। ସ୍କୋପ୍ସର ସଂଯୋଜକ ପ୍ରାଧ୍ୟାପକ ଡ.ଅଶୋକ ମିଶ୍ର ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ଆୟୋଜକ ପ୍ରାଧ୍ୟାପକ ଡି.କେ. ସାହୁ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଉଦଘାଟନୀ ଭାଷଣ ଯାନ୍ତ୍ରିକ ଏବଂ ବୈଷୟିକ ମହବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଏହି କାର୍ଯ୍ୟକ୍ରମ ମୁଖ୍ୟ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା ଦେଇଥିଲେ। ଅଧିବେଶନରେ ବିଶ୍ୱ ବିଦ୍ୟାଳୟର କୁଳ ସଚିବ ତଥା ସ୍କୋପ୍ସ-ର ସାଧାରଣ ମୁଖ୍ୟା ପ୍ରାଧ୍ୟାପିକା ଡ. ଅନିତା ପାତ୍ର ଓ କୁଳପତି ପ୍ରାଧ୍ୟାପିକା ସୁପ୍ରିୟା ପଟ୍ଟନାୟକ ଉଦବୋଧନ ଦେଇଥିଲେ।

ଚାନ୍ଦିପୁରର ସମ୍ମନ୍ୱିତ ପରୀକ୍ଷା ପରିସରର ଅବସରପ୍ରାପ୍ତ ନିର୍ଦ୍ଦେଶକ ଏଚ. କେ. ରଥ , ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଏବଂ ସମ୍ମାନିତ ଅତିଥି ପ୍ରାଧ୍ୟାପକ ଗଣପତି ପଣ୍ଡା, ହାଇଦ୍ରାବାଦସ୍ଥିତ ପ୍ରତିରକ୍ଷା ଅନୁସଂଧାନ ବିକାଶ ସଂଗଠନ ପ୍ରତିଷ୍ଠାତା ଡ. ପି.ଏସ୍.ଆର୍. ଶ୍ରୀନିବାସ ଶାସ୍ତ୍ରୀ ବିଷୟ ଉପରେ ଆଲୋଚନା କରିଥିଲେ। ସେଞ୍ଚୁରୀଅନ୍ ବିଶ୍ୱବିଦ୍ୟାଳୟ, ଆନ୍ଧ୍ର ପ୍ରଦେଶର କୁଳପତି ତଥା ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ ଉପକୁଳପତି ଜି.ଏସ୍.ଏନ୍. ରାଜୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଷୟ ଉପରେ ଆଲୋଚନା କରିଥିଲେ। ସହସଂଯୋଜକ ପ୍ରାଧ୍ୟାପକ ପ୍ରଭାତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଶାସନ ସପ୍ତାହ କର୍ମଶାଳା ଶୁଭାରମ୍ଭ

**ପାରଳାଖେମୁଣ୍ଡି,୧୯ ।୧୨(ସମିସ):** ଜିଲ୍ଲାସ୍ତରୀୟ 'ସୁଶାସନ ସପ୍ତାହ ପ୍ରଶାସନ ଗାଁ କି ଔର୍ କର୍ମଶାଳା' କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଓସ୍ୱାନ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗର ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ସମେତ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରି ସମସ୍ତ ଆଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ଆଲୋଚନା ହୋଇଥିଲା। ସୁଶାସନ ସପ୍ତାହ ପ୍ରଶାସନ ଗାଁ କି ଔର କର୍ମଶାଳା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ଗୁରୁବାର ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଚାଲୁରହିବ। ଏହି ଅବସରରେ ଗଜପତି ଜିଲ୍ଲାରେ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ପର୍ଯ୍ୟନ୍ତ ଜନସାଧାରଣ ଅଭିଯୋଗ ଶୁଣାଣି କରି ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗକୁ ଚିହ୍ନଟ କରି ତୁରନ୍ତ ସମାଧାନ କରିବା ସହ ଜନସେବା ପ୍ରଦାନ, ବିଚାରଧୀନ ଅଭିଯୋଗର ସମାଧାନ, ଅନଲାଇନ୍ ସେବା ପ୍ରଦାନ କରିବା ସୁଶାସନ ସପ୍ତାହର ମୂଳ ଉଦ୍ଦେଶ୍ୟ ରହିଛି। ଆଜିର ଏହି ସୁଶାସନ ସପ୍ତାହ କର୍ମଶାଳା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଲିପିନା ଦାସ, କମଳକାନ୍ତ ପଣ୍ଡା, ଡା.ମହମ୍ମଦ ମୁବାରକ ଅଲ୍ଲୀ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



### ଏପିଓଙ୍କ ସ୍ଥାୟୀ ନିଯୁକ୍ତି ଦିଆଯାଉନି, ଜିଲ୍ଲାସ୍ତରୀୟ ବୈଠକରେ କ୍ଷୋଭ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ପାରଳାଖେମୁଣ୍ଡି,୧୯ ।୧୨(ସମିସ)**

ଗଜପତି ଜିଲ୍ଲା ପରିଷଦ ବୈଠକ ଗୃହରେ ଗଜପତି ଜିଲ୍ଲାର କାର୍ଯ୍ୟରତ ସମସ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ମାନଙ୍କ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା।

ଏପିଓ୧୩ ବର୍ଷରୁ ଅଧିକ ହେଲା ମନରେଗାରେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ନିୟମିତ କରାଯିବା ଦିଗରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉନାହାନ୍ତି। ଏଥିନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହ ଓଏସଏମଏଏ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିରେ ଏକମତ ଭାବେ କାର୍ଯ୍ୟ




ସମ୍ପାଦନ କରି ଆସୁଛନ୍ତି। ମନରେଗା କାର୍ଯ୍ୟ ସୁଫଳ ରୂପାୟନ ସତ୍ତ୍ୱେ ସରକାର ସେମାନଙ୍କୁ ସମାନ କାମକୁ ସମାନ ଦରମା ଦେଉନାହାନ୍ତି। ସରକାର ସେମାନଙ୍କୁ ନିୟମିତ କରାଯିବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ଯୋଗୁଁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ସେହିପରି ମନରେଗା ଯୋଜନାରେ ପୂର୍ବରୁ କାର୍ଯ୍ୟରତ ଜିପିଟିଏ ଏବଂ ଜିଆରଏସଙ୍କୁ ସରକାର ନିୟମିତ କରିଥିଲେ ମଧ୍ୟ ଏମସି ଏବଂ ଏପିଓଙ୍କ ପ୍ରତି ଅନ୍ୟାୟ କରୁଥିବା ଅଭିଯୋଗ କରାଯାଇଥିଲା।

ଆଗାମୀ ଦିନରେ ସରକାର ଏପିଓ ଓ ଏମସିଙ୍କ ଦାବି ପୂରଣ ନ କଲେ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ସୌମ୍ୟ ସୁଧାକର ତ୍ରିପାଠୀ, ସମ୍ପାଦକ ଦିଲୀପ କୁମାର ଦାସ, ଅକ୍ଷୟ କୁମାର ବିଷୋୟୀରତ୍ନ, ବସନ୍ତ କୁମାର ପଟ୍ଟନାୟକ ଓ ମଧୁବାଳା ପାଢ଼ୀ କହିଛନ୍ତି।

# ଟ୍ରେଡିଂ ମାୟାରେ ପଡ଼ି ସର୍ବସ୍ୱ ହରାଉଛନ୍ତି ଯୁବପିଢ଼ି

## ସଚେତନ ନ ହେଲେ ଠକେଇର ଶିକାର ନିଶ୍ଚିତ : ବୁଦ୍ଧିଜୀବୀ

**ବ୍ରହ୍ମପୁର,୧୯ ।୧୨(ସମିସ):** ନିୟମିତ ବ୍ୟବଧାନରେ ସାଇବର ଠକଙ୍କର ତରିକା ବଦଳୁଥିବା ବେଳେ ସମ୍ପ୍ରତି ସାଇବର ଠକଙ୍କ ନୂଆ ଅସ୍ତ୍ର ଥିଲା "ଟ୍ରେଡିଂରେ ନିବେଶ' । ଲକ୍ଷାଧିକ ବ୍ୟକ୍ତିଙ୍କୁ ନାନା ଥୋପ ପକାଇ ଟ୍ରେଡିଂରେ ନିବେଶ କରିବାକୁ ପ୍ରବର୍ତ୍ତାଇବା ସହ ସେମାନଙ୍କ ଠାରୁ ବିପୁଳ ପରିମାଣର ଅର୍ଥ ଠକି ନେବାରେ ସଫଳ ମଧ୍ୟ ହୋଇଛନ୍ତି । ରାତାରାତି ଧନୀ ହେବାର ଲୋଭ ଦେଖାଇ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ କରିନେଉଛନ୍ତି ସାଇବର ଠକ। ଗତ ୬ ବର୍ଷରେ ରାଜ୍ୟରୁ ୫୯ହଜାର ୪୩୭ ଜଣ ବ୍ୟକ୍ତି ଟ୍ରେଡିଂ ଠକେଇର ଶିକାର ହୋଇଛନ୍ତି। ୨୦୧୯ମସିହାରେ ୧୮ଜଣ, ୨୦୨୦ରେ ୨୮ଜଣ, ୨୦୨୧ରେ ୨୨ଜଣ ଏବଂ ୨୦୨୨ରେ ସର୍ବାଧିକ ୧୦୫ଜଣ ସାଇବର ଠକଙ୍କ ଟ୍ରେଡିଂ ଜାଲରେ ଫସିଥିଲେ। ବିଗତ ୨ବର୍ଷ ଯେଉଁଳି ସାଇବର ଅପରାଧୀଙ୍କ ପାଇଁ ଲଟେରି ପାଲଟିଛି। ୨୦୨୩ ମସିହାରେ ୧୮ହଜାର ୯୯୪ଜଣ ବ୍ୟକ୍ତି ସର୍ବସ୍ୱାନ୍ତ ହୋଇଥିଲେ। ଚଳିତବର୍ଷ ଗତ ୧୧ମାସରେ ୪୦ହଜାର ୨୭୦ଜଣ ଲୋକ ଫସି ସାରିଛନ୍ତି। ନିକଟରେ ବ୍ରହ୍ମପୁର ସାଇବର ଥାନାରେ ମଧ୍ୟ ଏକାଧିକ ଅନଲାଇନ ଟ୍ରେଡିଂ ଜରିଆରେ ଠକେଇ ଅଭିଯୋଗ ହୋଇଛି। ସ୍ଥାନୀୟ ବାପୁଜୀନଗରର ଜଣେ ୫୬ବର୍ଷୀୟ ବ୍ୟକ୍ତି ଗତ ଏପ୍ରିଲ ମାସରେ ସାମାଜିକ ଗଣମାଧ୍ୟମ ଟୁଇଟର ଜରିଆରେ ଅନଲାଇନ ଟ୍ରେଡିଂ ବିଷୟରେ ଜାଣିବାକୁ ପାଇଥିଲେ। ଉକ୍ତ ବ୍ୟକ୍ତି ଜଣକ ସେହି ଲିଙ୍କରେ କ୍ଲିକ କରିବା ପରେ ତାଙ୍କୁ ଲିସା ଡିଏ ନାମକ ଏକ ହ୍ୱାଟ୍ସଆପ ଗ୍ରୁପରେ ଯୋଡି ଦିଆଯାଇଥିଲା। ପରେ ଏହି ଡିଏଏଆଇ ନାମକ ଏକ ଅନଲାଇନ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ୧୬ଲକ୍ଷ ଟଙ୍କା ଠକି ନେଇଥିଲେ ସାଇବର ଠକ। ସେହିପରି ପୁଲିସ ବିଭାଗରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟରତ



ତଥା ବୈଦ୍ୟନାଥପୁର ଅଞ୍ଚଳ ଜଣେ ୫୪ବର୍ଷୀୟ ବ୍ୟକ୍ତି ପୂର୍ଣ୍ଣଚନ୍ଦ୍ର ବେହେରା (ଛଦ୍ମନାମ)ଙ୍କ ହ୍ୱାଟ୍ସଆପକୁ ଗତ ସେପ୍ଟେମ୍ବର ୧୩ ତାରିଖରେ ଏକ ମେସେଜ ଆସିଥିଲା। ଫର୍ଚ୍ଚୁନ ଏକ୍ସପ୍ରେସ ଷ୍ଟକ ଟ୍ରେଡିଂ ନାମକ ଏକ ହ୍ୱାଟ୍ସଆପ ଗ୍ରୁପରେ ତାଙ୍କୁ ଯୋଡ଼ି ଦିଆଯାଇଥିଲା। ସେହି ଗ୍ରୁପରେ ବିଭିନ୍ନ କମ୍ପାନୀର ଷ୍ଟକ ମାର୍କେଟ, ଆଇପିଓ କିଣାବିକା ଏବଂ ଅନଲାଇନ ଟ୍ରେଡିଂ କରି ଲାଭବାନ ହେବାକୁ ତାଲିମ ଦିଆଯାଉଥିଲା। ଏଥିରେ ସେ ଟ୍ରେଡିଂ କରି ସାଢେ ୪ଲକ୍ଷ ଠକେଇର ଶିକାର ହୋଇଥିଲେ। ଅନୁରୂପ ଭାବେ ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି ଗ୍ରାମର ଅନଲାଇନ ଟ୍ରେଡିଂ ସଂସ୍ଥାଠାରୁ ମୋଟା କମିଶନ ପାଇବା ଲୋଭରେ ୭ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିଲେ। ଏଭଳି ଅନେକ ଠକେଇ ମାମଲାର ନଜିର ରହିଛି। ତଥାପି ଲୋକେ ସଚେତନ ହେଉନାହାଁନ୍ତି। ଫଳରେ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି।

---

**ମେୟରଙ୍କୁ ଧମକ ଓ ଗାଳିଗୁଲଜ ଘଟଣା**

# କ୍ଷମା ମାଗିଲେ ପୂର୍ବତନ ନିର୍ବାହୀଯନ୍ତ୍ରୀ

**ବ୍ରହ୍ମପୁର,୧୯ ।୧୨(ସମିସ)**

ପୂର୍ବତନ ନିର୍ବାହୀଯନ୍ତ୍ରୀ ନିଜର ଦୋଷ ସ୍ୱୀକାର କରିବା ସହିତ କ୍ଷମା ପ୍ରାର୍ଥନା କରିବା ପରେ ନରମିଛନ୍ତି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ। ଦୀର୍ଘ ଦେଢ଼ମାସ ପରେ ଅର୍ଥାତ୍ ଗୁରୁବାର ମଧ୍ୟାହ୍ନରେ ବିଏମସିର ପୂର୍ବତନ ନିର୍ବାହୀଯନ୍ତ୍ରୀ ଇଂ. ଲଳିତ ମୋହନ ଦାସ ମେୟରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇଥିଲେ। ଏହି ସମୟରେ ସେଠାରେ ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ନିକଟ ଅତୀତରେ ଇଂ. ଲଳିତ ଦାସ ଫୋନ ଯୋଗେ ମେୟରଙ୍କୁ କରିଥିବା ବ୍ୟବହାରକୁ ନେଇ ସେ ଅନୁତପ୍ତ ଥିବା କହିଥିଲେ। ସୂଚନା ଯୋଗ୍ୟ ଯେ' ଗତ ଅକ୍ଟୋବର ୨୯ତାରିଖ ଅପରାହ୍ନରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ନିଜ କାର୍ଯ୍ୟାଳୟରେ ଥିବା ସମୟରେ ହଠାତ୍ ଏକ ଫୋନ କଲ ଆସିଥିଲା। ଉକ୍ତ ଫୋନ୍ କଲଟି ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ନିର୍ବାହୀଯନ୍ତ୍ରୀ ଇଂ. ଲଳିତ ମୋହନ ଦାସଙ୍କର ବୋଲି ଜଣାପଡିଥିଲା। ତେବେ ଜଣେ ସରକାରୀ କର୍ମଚାରୀ ହୋଇ ସୁଦ୍ଧା ସେ ଫୋନ ଯୋଗେ ଖୋଦ୍ ମେୟରଙ୍କୁ ଯେଉଁଳି ଭାବେ ଆଚରଣ କରିଥିଲେ ତାକୁ ନେଇ ମେୟର ସ୍ତବ୍ଧ ହୋଇଯାଇଥିଲେ। ଫୋନ ଯୋଗେ ଗାଳିଗୁଲଜ କରିବା ସହିତ ଧମକ ଦେଇଥିବା ନେଇ ପରବର୍ତ୍ତି ସମୟରେ ଅର୍ଥାତ୍ ନଭେମ୍ବର ୧ତାରିଖରେ ମେୟର ସଂଘମିତ୍ରା ଦଳେଇ ସ୍ଥାନୀୟ ଟାଉନ ଥାନାରେ ନିର୍ବାହୀଯନ୍ତ୍ରୀଙ୍କ ବିରୋଧରେ ଲିଖିତ ଏତଲା ଦେଇଥିଲେ। ଏପରିକି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ।



- ଟାଉନ୍ ଥାନାରେ ବୟାନ ରେକର୍ଡ ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଲା ପୁଲିସ
- ଖୁବ୍‌ଶୀଘ୍ର ଦାଖଲ ହେବ ଚାର୍ଜସିଟ୍, କ୍ଷମା ପ୍ରାର୍ଥନା ପରେ ନରମିଲେ ମେୟର୍

ଏତଲାକୁ ଭିତ୍ତି କରି ଟାଉନ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ବେଳେ ସମ୍ପୃକ୍ତ ନିର୍ବାହୀଯନ୍ତ୍ରୀଙ୍କୁ ଥାନାରେ ହାଜର ହେବାକୁ ପୁଲିସ ନୋଟିସ ଜାରି କରିଥିଲା। ବିଳମ୍ବରେ ହେଲେ ମଧ୍ୟ ନିର୍ବାହୀଯନ୍ତ୍ରୀ ଇଂ. ଲଳିତ ମୋହନ ଦାସ ପୁଲିସ ନୋଟିସକୁ ଗ୍ରହଣ କରି ଗୁରୁବାର ଟାଉନ ଥାନାରେ ମଧ୍ୟ ହାଜର ହୋଇଥିଲେ। ଥାନାରେ ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ନିକଟରେ ମଧ୍ୟ ସେ ନିଜର ଭୁଲ ସ୍ୱୀକାର କରିଥିବା ଜଣାପଡିଛି। ତେବେ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ତଦନ୍ତ ଅଧିକାରୀ ଥାନାରେ ଇଂ. ଲଳିତ ଦାସଙ୍କର ବୟାନକୁ ରେକର୍ଡ କରିବା ପରେ ବ୍ୟକ୍ତିଗତ ମୁଚାଲିକାରେ ତାଙ୍କୁ ପୁଲିସ ଛାଡିଥିଲା। ଖୁବ୍‌ଶୀଘ୍ର ତଦନ୍ତ ସାରି କୋର୍ଟରେ ମାମଲାର ଚାର୍ଜସିଟ ଦାଖଲ କରାଯିବ ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ ଶ୍ରୀ ସ୍ୱାଇଁ। ସେପଟେ ଭୁଲ ମାନିବା ସହିତ କ୍ଷମା ପ୍ରାର୍ଥନା କରିବା ପରେ ତରଳିଛନ୍ତି ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ। ଏହି ମାମଲାର ସମାଧାନ ଦିଗରେ ନିର୍ବାହୀଯନ୍ତ୍ରୀଙ୍କୁ ଆଗାମୀ ଦିନରେ ସେ ଆବଶ୍ୟକ ସହଯୋଗ କରିବେ ବୋଲି କହିଛନ୍ତି ମେୟର ସଂଘମିତ୍ରା ଦଳେଇ।

---

■ **ମଧ୍ୟାହ୍ନ ଭୋଜନ ତଥ୍ୟ ପ୍ରଦାନରେ ବ୍ୟତିକ୍ରମ**

# ୪୫ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ପକ୍ଷ ରଖିବାକୁ ବିଇଓଙ୍କ ନିର୍ଦ୍ଦେଶ

**ବ୍ରହ୍ମପୁର,୧୯ ।୧୨(ସମିସ):** ସରକାରୀ ବିଦ୍ୟାଳୟରେ ମିଳୁଥିବା ମଧ୍ୟାହ୍ନ ଭୋଜନ ସମ୍ପର୍କିତ ତଥ୍ୟ ପ୍ରଦାନରେ ବ୍ୟତିକ୍ରମ କାରଣ ନେଇ ମୋଟ ୪୫ଟି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିଜର ପକ୍ଷ ରଖିବାକୁ କୁହାଯାଇଛି। ସେଥି ମଧ୍ୟରୁ ବ୍ରହ୍ମପୁର ସହର ୧୪ଟି ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ କାହିଁକି ଓ କେଉଁ କାରଣକୁ ନେଇ ପିଏମ-ପୋଷଣ ପୋର୍ଟାଲରେ ମଧ୍ୟାହ୍ନ ଭୋଜନର ସମ୍ପର୍କିତ ତଥ୍ୟ ପ୍ରାଦନ କରାଯାଇ ନାହିଁ। ସେନେଇ ୨୫ତାରିଖ ସୁଦ୍ଧା ନିଜର ପକ୍ଷ ରଖିବାକୁ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କୁ ମିଳୁଥିବା ମଧ୍ୟାହ୍ନ ଭୋଜନର ମାନ ଓ ବିତରଣ ସଂପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବାକୁ ବିଦ୍ୟାଳୟ ଗୁଡ଼ିକୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷେ ପୋର୍ଟାଲରେ ଯାନ୍ତ୍ରିକ ତ୍ରୁଟି ରହିଥିବା କାରଣରୁ ଆମେ ଏସଏମ୍ଏସ ପଠାଇଲେ ମଧ୍ୟ ଯାଉନାହିଁ ଯାହାକି ମୁଖ୍ୟ ସମସ୍ୟା ରୂପରେ ଉଭା ହୋଇଛି ବୋଲି କହିଛନ୍ତି ଅନେକ ବିଦ୍ୟାଳୟ ପ୍ରଧାନଶିକ୍ଷକ। ସୂଚନାଯୋଗ୍ୟ ଯେ, ବ୍ଲକରେ ସମୁଦାୟ ଛାତ୍ରଛାତ୍ରୀ୧୧ହଜାର ଅଧିକ ଛାତ୍ରଛାତ୍ରୀ ରହିଥିବା ବେଳେ ସେଥି ମଧ୍ୟରୁ ମହାନଗରରେ ରହିଥିବା ବିଦ୍ୟାଳୟରେ ୬ହଜାରରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି। ପ୍ରତ୍ୟେକ ଦିନ ଉକ୍ତ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ସରକାରୀ ବିଦ୍ୟାଳୟରେ ପୋଷଣଯୁକ୍ତ ଖାଦ୍ୟ ମିଳିପାରୁଛି କି ନାହିଁ, କେତେ ପିଲାଙ୍କ ପାଇଁ ଖାଦ୍ୟ ଆସୁଛି ସମସ୍ତ ତଥ୍ୟ ବ୍ୟବସ୍ଥିତ ଆକାରରେ ପ୍ରଦାନ କରିବା ପାଇଁ ସରକାରଙ୍କ ପିଏମ-ପୋଷଣ ପୋର୍ଟାଲ ରହିଛି। ଏସଏମଏସ ମାଧ୍ୟମରେ ପ୍ରତିଦିନର ତଥ୍ୟ ପ୍ରଦାନ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକରେ ଥିବା ଅନେକ ବିଦ୍ୟାଳୟରେ ତଥ୍ୟ ବିଷୟରେ ଗୁରୁତ୍ୱ ପ୍ରଦାନ କରୁଯାଉନଥିବା ଓ ଅବହେଳା ମନୋବୃତ୍ତି ପ୍ରକାଶ କରୁଥିବା ଜାଣିବା ପରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧିକାରୀ ଦେବେନ୍ଦ୍ର ବେହେରା କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛନ୍ତି।

---

# ବ୍ରହ୍ମପୁର ଆଇଟିଆଇରେ ଆଞ୍ଚଳିକ ଫେଷ୍ଟ ଉଦ୍‌ଘାଟିତ




**ବ୍ରହ୍ମପୁର,୧୯ ।୧୨(ସମିସ):** ବ୍ରହ୍ମପୁର ସରକାରୀ ଆଇଟିଆଇରେ ୩ଦିନିଆ ଆଞ୍ଚଳିକ ଫେଷ୍ଟ ଗୁରୁବାର ଉଦଘାଟିତ ହୋଇଛି। ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ ଇଂ ରଞ୍ଜନ କୁମାର ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଛତ୍ରପୁର ଆଇଟିଆଇର ଅଧକ୍ଷ ଅତୁଲ୍ୟ କୁମାର ପଣ୍ଡା ଯୋଗଦେଇ ବିଦ୍ୟାର୍ଥୀଙ୍କ ଖେଲୁକୁଦ୍ ମନୋଭାବ ପ୍ରତିପୋଷଣ କରିବା ପାଇଁ ଗୁରତ୍ୱାରୋପ କରିଥିଲେ। ଏଥିରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୨ଟି ସରକାରୀ ଆଇଟିଆଇ ଓ ୧୧ଟି ବେସରକାରୀର ୭୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ଇଂ ମନୋଜ କୁମାର ଦାସ ଧନ୍ୟବାଦ ଦେବା ସହ ବିଭିନ୍ନ ଆଇଟିଆଇରୁ ଆସିଥିବା ପ୍ରଶିକ୍ଷିକା ଓ ପ୍ରଶିକ୍ଷକଙ୍କୁ ସ୍ୱାଗତ ଜଣାଇଥିଲେ।

---

# ନିଷ୍ଟ ବିଶ୍ୱବିଦ୍ୟାଳୟକୁ ୟୁଜିସି ସ୍ୱୀକୃତି

**ବ୍ରହ୍ମପୁର,୧୯ ।୧୨(ସମିସ):** ଗୋଲନ୍ଥରାସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ର ସ୍ୱୀକୃତି ମିଳିଛି। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଖୁସିର ଖବର। ଉଲ୍ଲେଖଯୋଗ୍ୟ ଯେ ୧୯୯୬ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟକ ବିଦ୍ୟାର୍ଥୀ ଏବେ ଯାଏଁ ଶିକ୍ଷାଲାଭ କରି ସାରିଛନ୍ତି। ନିଷ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୨୦୨୪ମସିହା ରେ ରାଜ୍ୟ ସରକାର ଅଧିନିୟମ ବଳରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଥିଲେ। ବର୍ତ୍ତମାନ ୟୁଜିସିର ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟ ତାଲିକା (୨ଏଫ)ରେ ନିଷ୍ଟ ବିଶ୍ୱବିଦ୍ୟାଳୟ ସ୍ଥାନିତ ହୋଇପାରିଛି। ଏ ବିଷୟରେ ୟୁଜିସିର ଉପ-ସଚିବ ଡ଼. ଅମୋଲ ଅନ୍ଧାରେ ଓ ଅନୁସଚିବ ଆରଏଇଏସ ଭରଦ୍ୱାଜଙ୍କଠାରୁ ନିଷ୍ଟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକଙ୍କ ନିକଟକୁ ଆସିଥିବା ଚିଠିରୁ ସ୍ପଷ୍ଟ ହୋଇଛି। ନିର୍ଦ୍ଦେଶାନୁଯାୟୀ ୟୁଜିସିର ସମସ୍ତ ନୀତି ନିୟମ ଏବଂ ମାର୍ଗଦର୍ଶିକାକୁ ପାଳନ କରି ବିଶ୍ୱବିଦ୍ୟାଳୟ ନିଜର ସ୍ୱାୟତ୍ତତା ନିର୍ବହନ କରି ପାରିବ। ନିଷ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପୂର୍ବରୁ ଏ-ଗ୍ରେଡ଼ ମାନ୍ୟତା ମିଳିଥିବା ବେଳେ, ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ବର୍ଗରେ ପୁନଃ ୟୁଜିସି ମାନ୍ୟତା ପାଇବା ପାଇଁ ଆବେଦନ କରିବାର ପଥ ପରିଷ୍କାର ହୋଇଛି ବୋଲି କୁଳପତି ଡ ପ୍ରିୟଦର୍ଶନ ପାତ୍ର ଜଣାଇଛନ୍ତି। ସେହିପରି ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ସବୁ ପାଇଁ ଆବଶ୍ୟକ ମତେ ଅନୁମୋଦନ ମଧ୍ୟ ନିଆଯାଇଛି ବୋଲି ଡିନ ଡ଼ ରାଜେଶ କୁମାର ପାନାକାଲା ଜଣାଇଛନ୍ତି। ଏହା ଦ୍ୱାରା ନିଷ୍ଟ ନିଜକୁ ଏକ ଗବେଷଣା ଅଭିମୁଖୀ ବିଶ୍ୱବିଦ୍ୟାଳୟ ଭାବରେ ଗଢି ତୋଳିବ ବୋଲି ନିଷ୍ଟର ସଂସ୍ଥାପକ ସଭାପତି ଡଃ ସୁକାନ୍ତ କିଶୋର ମହାପାତ୍ର କହିଛନ୍ତି।

---

# ଆଦର୍ଶ ବିଦ୍ୟାଳୟର ଉନ୍ନୟନ ଓ ପରିଚାଳନା ବୈଠକ



**ବ୍ରହ୍ମପୁର,୧୯ ।୧୨(ସମିସ):** ଚମାଖଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ଗୁରୁବାର ବିଦ୍ୟାଳୟ ପରିଚାଳନା ଉନ୍ନୟନ ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳକ ସୁଧାଂଶୁ ଶେଖର ଭୋଇଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଗତ ବୈଠକରେ ହୋଇଥିବା କାର୍ଯ୍ୟ ଗୁଡ଼ିକ ସମୀକ୍ଷା କରାଯିବ ସହ ନୂତନ ଚେୟାର ଟେବୁଲ, ଲାଇବ୍ରେରୀ ବହି, ଖେଳ ସାମଗ୍ରୀ କିଣିବା ପାଇଁ ନିଷ୍ପତି ହୋଇଥିଲା। ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅସୁବିଧା ଗୁଡ଼ିକୁ ଜଣାଇଥିଲେ। ଏହା ସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ବେହେରା, ଛତ୍ରପୁର ତହସିଲଦାର ଦିବ୍ୟ ମହାନ୍ତି, ବ୍ଲକ ଉନ୍ନୟନ ଅଧିକାରୀଙ୍କ ପ୍ରତିନିଧି ରଶ୍ମିତା କୁମାରୀ ସାହୁ, ବ୍ଲକ୍ ଶିକ୍ଷାଧିକାରୀଙ୍କ ପ୍ରତିନିଧି ସଂଯୁକ୍ତ ରଥ, ସୋନିଆ ପ୍ରଧାନ, ଶିକ୍ଷାବିତ୍ ରମାକାନ୍ତ ପାଣିଗ୍ରାହି, ପୀତବାସ ପାଣିଗ୍ରାହି, ଚମାଖଣ୍ଡି ଉଚ୍ଚ ବିଦ୍ୟାଳୟ ଅଧକ୍ଷା ଯ୍ୟୋତି ମୟୀ ପାଣିଗ୍ରାହି, ବିଦ୍ୟାଳୟର ସ୍ମିତଞ୍ଜଳି ସାହୁ ଏବଂ ସ୍କୁଲ ବରିଷ୍ଠ ଶିକ୍ଷକ ରଞ୍ଜିତ କୁମାର ରଣା ଉପସ୍ଥିତ ଥିଲେ। ପରିଶେଷରେ ଉପାଧକ୍ଷା ସ୍ମିତା ବାଳା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

---

# ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକସଭା

**ବ୍ରହ୍ମପୁର,୧୯ ।୧୨(ସମିସ):** ଗଞ୍ଜାମ ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଚୌଧୁରୀଙ୍କ ବୁଧବାର ରାତିରେ ଦେହାନ୍ତ ଘଟିଛି। ଗୁରୁବାର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କୃଷ୍ଣଚନ୍ଦ୍ର ଦୀର୍ଘଦିନ ଧରି ହୃଦରୋଗରେ ପୀଡିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଓକିଲ ସଂଘର ସଭାପତି ନୟନ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ମୃତ ଆଇନଜୀବୀ କୃଷ୍ଣଚନ୍ଦ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା। ସଂଘ ବହୁ ସଦସ୍ୟଙ୍କୁ ଅକାଳରେ ହରାଇଛି ବୋଲି କହିଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ନୟନଚନ୍ଦ୍ର ମହାପାତ୍ର। ମୃତ ଆଇନଜୀବୀ କୃଷ୍ଣଚନ୍ଦ୍ରଙ୍କ ପରିବାର ବର୍ଗଙ୍କୁ ସଂଘ ପକ୍ଷରୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି। ଆୟୋଜିତ ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପ ସଭାପତି ରାମ ପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦକ ଗିରିଜା ଶଙ୍କର ବେହେରା, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ଅକ୍ଷୟ ପଟ୍ଟନାୟକ, ପ୍ରସାଦ ରାଓ, ମନୋଜ ପଟ୍ଟନାୟକ, ନିମାଇଁ ତ୍ରିପାଠୀ, ନିର୍ମଳ ସାହୁ, ବରୁଣ ଗୌଡ଼, ରଘୁନାଥ ପାଣିଗ୍ରାହୀ, କରୁଣାକର ପାଣିଗ୍ରାହୀ, ପ୍ରମିତ ରଞ୍ଜନ ମହାପାତ୍ର, ତାପସ ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ, ମଳୟ କୁମାର ଦାଶ, ଅସିତ ସାବତ, ବି. ନାଗେଶ୍ୱର ରାଓ, ଚକ୍ରପାଣି ନାହାକ, ଅନିରୁଦ୍ଧ କୁମାର ପାତ୍ର, ବିଶ୍ୱଜିତ ସେଠୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଗୁରୁବାର ୨ଘଣ୍ଟା ପାଇଁ ଓକିଲ ସଂଘ ତରଫରୁ ଜିଲ୍ଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

---

**ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡରେ ବଢୁଛି ଯାତ୍ରୀଙ୍କ ସମସ୍ୟା**

# ବର୍ଷେହେଲା ବନ୍ଦ ରହିଛି ଶୌଚାଳୟ

**ବ୍ରହ୍ମପୁର,୧୯ ।୧୨(ସମିସ)**

ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ଏକ ବ୍ୟସ୍ତ ବହୁଳ ଅଞ୍ଚଳ। ଏହି ଅଞ୍ଚଳରେ ଏବେ ମୁଖ୍ୟ ସମସ୍ୟା ପାଲଟିଛି ଶୌଚାଳୟ। ଏଠାରୁ ନିୟମିତ ଶତାଧିକ ବସ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାଏ। ଶତାଧିକ ଲୋକ ନିୟମିତ ବସଷ୍ଟାଣ୍ଡକୁ ଆସି ଥାଆନ୍ତି। ବ୍ରହ୍ମପୁରଠାରୁ ରାଜଧାନୀ ସମେତ ବସଷ୍ଟାଣ୍ଡରୁ ସମ୍ବଲପୁର, ନବରଙ୍ଗପୁର, କଟକ, ସୁନାବେଡ଼ା, ମାଲକାନଗିରି ସହ ଦକ୍ଷିଣ ଓଡ଼ିଶାର ବିଭିନ୍ନ ରୁଟ୍‌କୁ ଘରୋଇ ବସ ସମେତ ଓଏସ୍‌ଆରଟିସିର ନିୟମିତ ବସ ଯିବାଆସିବା କରନ୍ତି। ଯାତାୟତ ସମୟରେ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ଶୌଚ ଓ ପରିଶ୍ରା ପାଇଁ ଶୌଚାଳୟ ସମସ୍ୟା ଦେଖାଦେଇଛି। ବିଡିଏ(ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ) ପକ୍ଷରୁ ବସଷ୍ଟାଣ୍ଡରେ ପରିସରରେ ଦୁଇଟି ଶୌଚାଳୟ ନିର୍ମାଣ କରାଯାଇଥିବା ବେଳେ ତାହା ଏକ ବର୍ଷରୁ ଅଧିକ ସମୟ ଧରି ବନ୍ଦ ରହିଛି। ଶୌଚାଳୟରେ କିଛି ଲୋକ ନିଜ ବ୍ୟବହାର ପାଇଁ ତାଲା ପକାଇ ରଖି ଥିବା ଅଭିଯୋଗ ହୋଇଛି। ବସଷ୍ଟାଣ୍ଡ ପରିସରରେ ଏହି ଦୁଇଟି ବ୍ୟତୀତ ଅନ୍ୟ ଅନ୍ୟ ଏକ ସୁଲଭ ଶୌଚାଳୟ ଥିବା ସେଠାରେ ନିୟମିତ ଗହଳି ରହିଛି। ପୁରୁଷ ଲୋକମାନେ କାନ୍ଥବାଡ଼ ଓ ଖୋଲା ସ୍ଥାନରେ ପରିଶ୍ରା କରି ପକାଉଥିବା ସମୟରେ ମହିଳାମାନଙ୍କ ଅବସ୍ଥା ଅତି ଶୋଚନୀୟ ରହିଛି। ଫଳରେ ବସଷ୍ଟାଣ୍ଡ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଯାତ୍ରୀମାନଙ୍କୁ ପୂର୍ବାପେକ୍ଷା ଅଧିକ ହଟହଟା ହେବାକୁ ପଡୁଛି। ବସ୍‌ଷ୍ଟାଣ୍ଡରେ ପାନୀୟଜଳ, ଶୌଚାଳୟ, ଭୋଜନାଳୟ, ଫାଷ୍ଟଏଡ୍ ଆଦି ବ୍ୟବସ୍ଥା ଯାତ୍ରୀମାନଙ୍କ ସର୍ବନିମ୍ନ ଆବଶ୍ୟକତା ରହିବା କଥା। କିନ୍ତୁ ବ୍ରହ୍ମପୁର ବସଷ୍ଟାଣ୍ଡରେ ତାର ଅଭାବ ରହୁଥିବା ଯାତ୍ରୀ ମୁକୁନ୍ଦ ଦାଶ କହିଛନ୍ତି। ବର୍ଷାଦିନେ ବସଷ୍ଟାଣ୍ଡରେ ବର୍ଷାଜଳ ଜମି ରହୁଥିବା ବେଳେ ଅନେକ ସମୟରେ ଶୌଚାଳୟ ବନ୍ଦ ରହୁଛି। ଫଳରେ ଯାତ୍ରୀମାନଙ୍କୁ ବହୁ ହଟହଟା ହେବାକୁ ପଡୁଛି ବୋଲି ସେ କହିଛନ୍ତି। ବସ୍‌ଷ୍ଟାଣ୍ଡ ପରିସରରେ ହୋଟେଲ, ଗ୍ୟାରେଜ, ଦୋକାନ ଆଦି ରହିଥିଲା। କିନ୍ତୁ ଦୀର୍ଘ ବର୍ଷ ପରେ ଉକ୍ତ ବସଷ୍ଟାଣ୍ଡରେ କିଛି ନୂତନତ୍ୱ ଆସିବା ତ ଦୂରର କଥା, ପୂର୍ବରୁ ଯେଉଁ ସୁବିଧା ସୁଯୋଗ ମିଳୁଥିଲା ତାହା ମଧ୍ୟ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷରେ ନୂଆ ବସଷ୍ଟାଣ୍ଡ ପରିସରରେ ଥିବା ସୁଲଭ ଶୌଚାଳୟର ବ୍ୟବହାର ନିମନ୍ତେ ଯାତ୍ରୀମାନଙ୍କ ଠାରୁ ଟଙ୍କା ଆଦାୟ କରାଯାଉଥିବାରୁ ବିଭିନ୍ନ ସମୟରେ ପୁରୁଷ ଯାତ୍ରୀମାନେ ବାହାରେ ପରିଶ୍ରା କରିବା ସହ ବସଷ୍ଟାଣ୍ଡକୁ ଅପରିଷ୍କାର କରୁଥିବା ଯାତ୍ରୀ ମୋହନ ଚରଣା ରାଉତ କହିଛନ୍ତି। ଏଭଳି ଭାବେ ନୂଆ ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କୁ ଅନେକ ସମୟରେ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗରୁ ମଧ୍ୟ ବଞ୍ଚିତ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ତେଣୁ ବସଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟକୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।




---

ORMAS

## ଦକ୍ଷତା ବିକାଶ



ମୁଁ **ପ୍ରଭାକର ବିର** । ମୋ ଘର ଗଜପତି ଜିଲ୍ଲା ଅନ୍ତର୍ଗତ କାଶୀନଗର ବ୍ଲକ୍ ର ସିଦ୍ଧାମଡଙ୍ଗ ଗାଁ ରେ । ମୁଁ +୨ ଉତୀର୍ଣ୍ଣ ହେଲା ପରେ ମୁଁ ଏବଂ ଆମ ପରିବାର ନିଜ ଗାଁ ରେ ଛୋଟ ମୋଟ କାମ କରି ବଞ୍ଚି ଯାଉଥିଲୁ । ୨୦୧୮ ମସିହାର ଅକ୍ଟୋବର ମାସ ୧୮ ତାରିଖ ପ୍ରକୃତିର ସେଇ ତାଣ୍ଡବ ଲୀଳା "ତିତିଲି ମହାବାତ୍ୟା" ଆମର ସେଇ ଛୋଟ ମୋଟ ରୋଜଗାରକୁ ଠପ କରିଦେଇଥିଲା। ମୁଁ ଓରମାସ ଦ୍ୱାରା **ଡିଡିୟୁ-ଜିକେୱାଇ ସିକ୍ୟୁରିଟି ଗାର୍ଡ** ରେ ତାଲିମ ନେବା ପାଇଁ ଗଲି । ମୁଁ ତାଲିମ ଶେଷ କରିବାପରେ ମୁଁ ହାଇଦରାବାଦର ବିମାନ ବନ୍ଦରରେ ସିକ୍ୟୁରିଟି ଗାର୍ଡ ଚାକିରି ରେ ନିଯୁକ୍ତି ହେଲି । ସେଠାରେ ମୁଁ ପ୍ରଥମେ ମାସକୁ ପ୍ରାୟ ୧୨,୦୦୦/- ଟଙ୍କା ପାଇଲି। ମୋର କିଛି ଅଭିଜ୍ଞତା ହେଲା ପରେ ମୁଁ ସେ ଚାକିରି ଛାଡିଦେଇ ବର୍ତ୍ତମାନ ଇଣ୍ଡିଗୋ ଏୟାର ଲାଇନ୍ସ ରେ ମାସିକ ୩୦,୦୦୦/- ଟଙ୍କା ପାଉଛି। ସରକାରଙ୍କର ଏହି ଯୋଜନା ପାଇଁ ଆଜି ମୁଁ ଏହି ସଫଳତା ପାଇପାରିଛି । ତେଣୁ ମୁଁ ଜିଲ୍ଲା ପ୍ରଶାସନକୁ ମୁଁ ଅନେକ ଅନେକ ଧନ୍ୟବାଦ ଜଣାଉଛି ।

## ଜୀବିକା

ଓରମାସ୍ ସହାୟତାରେ ଗଜପତି ଜିଲ୍ଲାର ରା. ଉଦୟଗିରି ବ୍ଲକର ରାମଗିରି ଠାରେ ଏକ ହଳଦୀ ଉତ୍ପାଦକ କେନ୍ଦ୍ର ସ୍ଥାପନ କରାଯାଇଅଛି । ଯେଉଁ ଉତ୍ପାଦକ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୧୫ ଜଣ ମହିଳା ଓ ହଳଦୀ ଚାଷୀ ଉପକୃତ ହେବେ । ତତ୍ ସଙ୍ଗେ ସଙ୍ଗେ ରା. ଉଦୟଗିରି ବ୍ଲକ ଓ ଗୁମ୍ମା ବ୍ଲକରେ ଗ୍ରାମୀଣ ଉଦ୍ୟୋଗ ପାର୍କ ଗଠନ କରିବାକୁ ଯୋଜନା କରାଯାଇଅଛି । ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳାମାନେ ଉପକୃତ ହେବା ସହ SHG କୁ SME ରେ ପରିଣତ କରିବା ପାଇଁ ମୁଖ୍ୟ ଲକ୍ଷ୍ୟ । ମୁଖ୍ୟ ମନ୍ତ୍ରୀ ମକା ମିଶନ ଯୋଜନାରେ ମୋହନା ଓ ରା. ଉଦୟଗିରି ବ୍ଲକରେ ଦୁଇଟି ମକା FPO ଓ ଗୋଟିଏ ମକା ପ୍ରକ୍ରିୟା କରଣ କେନ୍ଦ୍ର କରିବା ପାଇଁ ଯୋଜନା କରାଯାଇଅଛି ।

### ୫ମାସ ହେଲା ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ବନ୍ଦ

# କେବେ ସରିବ ୯ଶହ ମିଟର ରନ୍‌ୱେ ସମ୍ପ୍ରସାରଣ କାମ ?



ବ୍ରହ୍ମପୁର,୧୯ ।୧୨(ସମିସ): ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ଗତବର୍ଷ ମାର୍ଚ୍ଚ ମାସରେ ରଙ୍ଗେଇଲୁଣ୍ଡାରୁ ବିମାନ ଉଡ଼ିଥିଲା । ଏଥିଯୋଗୁଁ ଗଞ୍ଜାମ ସମେତ ଆଖପାଖ ଅଞ୍ଚଳବାସୀଙ୍କ ମନରେ ଖୁସିର ଉତ୍ସାହ ଦେଖିବାକୁ ମିଳିଥିଲା । ହେଲେ ବର୍ତ୍ତମାନ ୫ମାସରୁ ଉର୍ଦ୍ଧ୍ୱ ସମୟ ହେବ ଏହା ବନ୍ଦ ହୋଇଛି । ପ୍ରକାଶ ଥାଉ କି ରାଜ୍ୟ ସରକାରଙ୍କ ପକ୍ଷରୁ ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ଦ୍ୱାରା ଆକାଶପଥ ମାଧ୍ୟମରେ ବିଭିନ୍ନ ଅଞ୍ଚଳରୁ ସଂଯୋଗ କରାଯାଇ ବିକଶିତ କରିଯିବାର ଲକ୍ଷ୍ୟ ରଖାଯାଇଥିଲା । ଏହିକ୍ରମରେ ରାଜଧାନୀରୁ ଅନ୍ୟ ବଡ଼ ଅଞ୍ଚଳ ଏବଂ ସହରକୁ ବିମାନ ଯୋଗାଯୋଗ ବୃଦ୍ଧି କରିବାକୁ ତତ୍କାଳିନ ସରକାର ଉଦ୍ୟମ କରିଥିଲେ । ଏହିକ୍ରମରେ ଭୁବନେଶ୍ୱର-ରଙ୍ଗେଇଲୁଣ୍ଡା (ବ୍ରହ୍ମପୁର) ମାର୍ଗରେ ସମ୍ପୂର୍ଣ୍ଣ ରାଜ୍ୟ ପ୍ରାୟୋଜିତ ବିମାନ ଚଳାଚଳ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆରମ୍ଭ ହୋଇଥିଲା । ଫଳରେ ବ୍ରହ୍ମପୁର-ଭୁବନେଶ୍ୱର ଆକାଶମାର୍ଗରେ ଯାତ୍ରା ଦ୍ୱାରା ସମୟ ହ୍ରାସ ହୋଇଥିଲା । ଚିଲିକା ହ୍ରଦ, ତାମ୍ପରା ହ୍ରଦ, ଗୋପାଳପୁର ବିଚ୍, ଋଷିକୁଲ୍ୟା ନଦୀ, ତାରା ତାରିଣୀ ମନ୍ଦିର ଇତ୍ୟାଦି ଆକର୍ଷଣୀୟ ସ୍ଥାନ ଏବଂ ପର୍ଯ୍ୟଟନ ସ୍ଥଳର ଉପସ୍ଥିତି ରଙ୍ଗେଇଲୁଣ୍ଡାରେ ବିମାନ ସଂଯୋଗ ପରେ ଅନେକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଭୁବନେଶ୍ୱର-ରଙ୍ଗେଇଲୁଣ୍ଡା ଓ ରଙ୍ଗେଇଲୁଣ୍ଡା-ଭୁବନେଶ୍ୱର ବିମାନ ସେବାର ଶୁଭାରମ୍ଭ ହୋଇଥିଲା । ପରେ ଏଠାରେ ବିମାନ ସେବା ଉପଲବ୍ଧ ହେଉଥିଲା । କିନ୍ତୁ ଚଳିତବର୍ଷ ଜୁଲାଇ ମାସରୁ ଏଯାବତ ଦୀର୍ଘ ୫ ମାସ ଧରି ବିମାନ ବନ୍ଦର ସେବା ବନ୍ଦ ରହିଛି । ରଙ୍ଗେଇଲୁଣ୍ଡା ବିମାନ ବନ୍ଦରର ରନୱେ ୭୫୦ମିଟର ରହିଥିଲା । ଜମି ଅଧିକରଣ କରି ୯ଶହ ମିଟରର ସମ୍ପ୍ରସାରଣ କାମ ଚାଲିଛି । ଏହାକୁ ଦୀର୍ଘ ଦିନ ହେଲା ୯ ସିଟ ବିଶିଷ୍ଟ ବିମାନ ଚଳାଚଳ ବନ୍ଦ ରହିଛି । ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଗତ ରବିବାର ଭୁବନେଶ୍ୱର ଠାରୁ ମାଲକାନଗିରି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିବା ବେଳେ ସୋମବାର ଭୁବନେଶ୍ୱର ହେଲିକପ୍ଟରରେ ଫେରୁଥିବା ବେଳେ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ କିଛି ସମୟ ପାଇଁ ଅବତରଣ କରିଥିଲେ । ଏଠାରେ ଚାଲିଥିବା କାମକୁ ଶୀଘ୍ର ସାରିବାକୁ ପ୍ରଶାସନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସେହିପରି ଗତ ଅକ୍ଟୋବର ମାସରେ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରକୁ ନିତିଦିନିଆ ବିମାନ ଚଳାଚଳ ପାଇଁ ଗୁରୁବାର ଅପରାହ୍ନରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପରିଦର୍ଶନ କରି ପଦାଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ମନ୍ତ୍ରୀ ତଦାରଖ କରି ଏହି ବିମାନ ପଡିଆକୁ ଆର୍ମିଏଡ଼ି କଲେଜ ଆଡେ ଏହାକୁ ଥିବା ସରକାରୀ ଜମି ଓ ପଟ୍ଟା ଜମିକୁ ନିଜ ଅଧିନକୁ ଆଣି ୧୨ ଲମ୍ବ ରନୱେ କରି ୮୦ସିଟ ବିଶିଷ୍ଟ ବିମାନ ଚଳାଚଳ ପାଇଁ ଆଲୋଚନା ହୋଇଥିଲା । ଏହି ବିମାନ ଭୁବନେଶ୍ୱରଠାରୁ ରଙ୍ଗେଇଲୁଣ୍ଡା ଭାୟା ବିଶାଖାପାଟଣା ଗମନାଗମନ କରିବ ବୋଲି କୁହାଯାଇଥିଲା । ତାହାସହ ରଙ୍ଗେଇଲୁଣ୍ଡା ପଞ୍ଚାୟତ ଏବଂ ଆଖପାଖ ଅଂଚଳର ବାସିନ୍ଦା ମାନେ କିଭଳି ଯାତାୟତ କରି ପାରିବେ ସେନେଇ ରାସ୍ତାର ସୁବିଧା ଉପରେ ଆଲୋଚନା କରିଥିଲେ । ତେବେ ରନୱେ ସମ୍ପ୍ରସାରଣ ଯେତେ ଶୀଘ୍ର ଶେଷ ହେବ, ସେବେଯାଇ ଚଳାଚଳ ପୁନଃ ଆରମ୍ଭ ହେବା ନେଇ ଏକ ପ୍ରକାର ସ୍ପଷ୍ଟ ହୋଇଛି । ରଙ୍ଗେଇଲୁଣ୍ଡା ବିମାମ ବନ୍ଦର ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେଲେ ଜନସାଧାରଣ ସୁବିଧା ପାଇପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ବିଦ୍ୟୁତ୍ ବିଭାଗର ତ୍ରୁଟି; ଦୁଇ ହାତ ହରାଇଲେ ଛାତ୍ର

ଦିଗପହଣ୍ଡି,୧୯ ।୧୨(ସମିସ): ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ତ୍ରୁଟି କାରଣରୁ ଦିଗପହଣ୍ଡି ବ୍ଲକ କରପଡ଼ା ଗ୍ରାମର ରବି ବେହେରା (୧୫) ନାମକ ଜଣେ ଦଶମ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଥିଲେ । ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସା କରୁଥିବା ଡାକ୍ତରଙ୍କ ବହୁ ଉଦ୍ୟମରେ ଛାତ୍ର ଜଣକ ବଞ୍ଚି ଯାଇଛନ୍ତି । କିନ୍ତୁ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କ ଦୁଇ ହାତ କାଟି ଦିଆଯାଇଛି । ଏନେଇ ଛାତ୍ରଙ୍କ ବାପା ସନ୍ତୋଷ ବେହେରା ବୁଧବାର ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି । ବିଦ୍ୟୁତ ବିଭାଗର ବେପରୁଆ ନୀତି ଯୋଗୁଁ ତାଙ୍କ ପୁଅର ଭବିଷ୍ୟତ ନଷ୍ଟ ହୋଇଗଲା ବୋଲି ଅଭିଯୋଗ କରିଛନ୍ତି । ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର ଏତଲାକୁ ଭିତ୍ତିକରି ଥାନା ମାମଲା ନଂ.୪୯୬/୨୪ ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି । ଏସଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ତଦନ୍ତ ଭାର ଦିଆଯାଇଛି । ଗତ ସେପ୍ଟେମ୍ବର ୬ ତାରିଖ ଭୋର ୫ଟାରେ ଛାତ୍ର ଜଣକ ତାଙ୍କ ଘର ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ନିର୍ମାଣାଧୀନ ବାସଗୃହ କାନ୍ଥରେ ଚଢ଼ି ଗଛରୁ ଫୁଲ ତୋଳୁଥିଲେ । ଏତିକିବେଳେ ନିକଟରେ ଓହଳି ରହିଥିବା ଉଚ୍ଚ ଶକ୍ତି ସମ୍ପନ୍ନ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ରବିଙ୍କ ୨ ହାତ ଜଳି ଯାଇଥିଲା । ସେ ସେଠାରୁ କଚାଡ଼ି ହୋଇ ତଳେ ପଡ଼ିଯାଇଥିଲେ । ଖବରପାଇ ପରିବାର ଲୋକେ କିଛି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତରୀ ଟିମର ଅକ୍ଲାନ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କ ଅବସ୍ଥାରେ ସୁଧାର ନ ଆସିନଥିଲା । ତାଙ୍କ ଜୀବନ ପ୍ରତି ବିପଦ ଥିବା କାରଣରୁ ଶେଷରେ ତାଙ୍କ ହାତ ଦୁଇଟିକୁ କାଟି ଦିଆଯାଇଛି । ସୁସ୍ଥ ହେବାପରେ ବଡ଼ ଡାକ୍ତରଖାନାରୁ ସେ ଘରକୁ ଫେରିଛନ୍ତି । ସନ୍ତୋଷ ଜଣେ ନିତ୍ୟାନ୍ତ ଗରିବ ଓ ଅସହାୟ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ■ ଭିନ୍ନକ୍ଷମ ଝିଅର ଚିକିତ୍ସାରେ ଅର୍ଥ ବାଧକ

## ଜିଲ୍ଲାପାଳଙ୍କୁ ଭେଟିଲେ ପରିବାରବର୍ଗ



ଛତ୍ରପୁର,୧୯ ।୧୨(ସମିସ): ଖଲ୍ଲିକୋଟ ଏନଏସିର ୱାର୍ଡନଂ ୪ ଅନ୍ତର୍ଗତ ପାର୍କ ସାହି ବାସିନ୍ଦା ପ୍ରିୟଙ୍କା ଗୌଡ଼ଙ୍କ ଝିଅ ଶ୍ରୀୟା ଦୀର୍ଘ ୧୦ ବର୍ଷ ହେବ ମାନସିକ ରୋଗରେ ପୀଡିତ ଅଛନ୍ତି । ଏନେଇ ତାଙ୍କର ଚିକିତ୍ସା ନିମନ୍ତେ ପରିବାରବର୍ଗ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଶ୍ରୀୟା କଥାବାର୍ତ୍ତା କରିପାରୁ ନାହାନ୍ତି । ଏଣୁ ସରକାରୀ ସାହାଯ୍ୟ ଏବଂ ଚିକିତ୍ସା ନିମନ୍ତେ ଗୁରୁବାର ଡ଼ଃ ଏପିଜେ ଅବଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶ୍ରୀୟାଙ୍କ ମା' ଏବଂ ପରିବାରବର୍ଗ ଗଞ୍ଜାମ ଜିଲ୍ଲାପାଳ ଭେଟିଙ୍କୁ ଭେଟି ନିବେଦନ କରିଛନ୍ତି । ବିଭିନ୍ନ ସରକାରୀ ଡାକ୍ତରଖାନାରେ ଏବେବି ଚିକିତ୍ସା ଚାଲିଛି । ଏହି ଚିକିତ୍ସା ପାଇଁ ଲକ୍ଷାଧିକ ଅର୍ଥ ଖର୍ଚ୍ଚ ହୋଇ ସାରିଲାଣି । ଶ୍ରୀୟାଙ୍କ ବାପା ଦିନ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରିବା ସହ ସେଥିରୁ ଝିଅର ଚିକିତ୍ସା ଖର୍ଚ୍ଚ ତୁଲାଇଥାନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରୀୟା କଥାବାର୍ତ୍ତା କରିପାରୁ ନାହାନ୍ତି କି ଚଲାବୁଲା କରିପାରୁନାହାନ୍ତି । ପରିବାରରେ ଆର୍ଥିକ ସଙ୍କଟ ଓ ମାନସିକ ଅଶାନ୍ତି ବଢ଼ିବା ସହିତ ଏକ ପ୍ରକାର ଭାଙ୍ଗିପଡ଼ିଛନ୍ତି । ତେଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହ ଆର୍ଥିକ ସହାୟତା ଯୋଗାଇବାକୁ ସେମାନେ ନିବେଦନ କରିଛନ୍ତି ।

## ଚାକିରି ଦେବା ନାଁରେ ୨୧ ଲକ୍ଷ ଠକେଇ

ବ୍ରହ୍ମପୁର,୧୯ ।୧୨(ସମିସ): ଚାକିରି ଦେବା ନାଁରେ ଜଣେ ଯୁବକଙ୍କଠାରୁ ୨୧ଲକ୍ଷ ଟଙ୍କା ଠକେଇ ହୋଇଛି । ବ୍ରହ୍ମପୁର ସହରରେ ରହୁଥିବା ଜଣେ ବ୍ୟକ୍ତି ମିଥ୍ୟା ପ୍ରତିଶ୍ରୁତି ଦେଇ ଏଭଳି ଠକେଇ କରିଥିବା ବେଳେ ଟଙ୍କା ଫେରସ୍ତ ମାଗିଲେ ଧମକ ଦେଉଥିବା ଅଭିଯୋଗ ହୋଇଛି । ସୂଚନାପ୍ରକାରେ, ଛତ୍ରପୁର ରେଳବାଇ କଲୋନୀରେ ରହୁଥିବା ଆର. ରାଜେଶ କୁମାର ରେଡି ୨ବର୍ଷ ତଳେ ଚାକିରି ସନ୍ଧାନରେ ରହୁଥିଲେ । ଏହି ସମୟରେ ବ୍ରହ୍ମପୁରରେ ରହୁଥିବା ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ସେହି ବ୍ୟକ୍ତି ଜଣଙ୍କ ସରକାରୀ ଚାକିରି କରାଇଦେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏଥିପାଇଁ ୨୧ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ବ୍ୟକ୍ତି ଜଣଙ୍କ କହିଥିଲେ । ସେହିକ୍ରମରେ ସରକାରୀ ଚାକିରି କରିବା ଲୋଭରେ ରାଜେଶ ସଂପୃକ୍ତ ବ୍ୟକ୍ତିଙ୍କୁ ବିଭିନ୍ନ ପର୍ଯ୍ୟାୟରେ ୨୧ଲକ୍ଷ ଦେଇଥିଲେ । ହେଲେ ଅନେକ ଦିନ ଯାଏଁ ରାଜେଶଙ୍କୁ ସରକାରୀ ଚାକିରି ମିଳି ନ ଥିଲା । ଫଳରେ ତାଙ୍କ ଟଙ୍କା ଫେରାଇ ଦେବାକୁ ରାଜେଶ କହିଥିଲେ । ହେଲେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଟଙ୍କା ଫେରାଇବା ବଦଳରେ ବିଭିନ୍ନ ପ୍ରକାର ଧମକ ଦେଇଥିଲେ । ଶେଷରେ ନିରାଶ ହୋଇ ରାଜେଶ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

### ■ ନକଲି ଦେଶୀ ମଦ କାରଖାନା ଠାବ

## ବାପା, ପୁଅ ସମେତ ୫ ଗିରଫ



ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୧୯ ।୧୨(ସମିସ): ବ୍ରହ୍ମପୁର ନିମଖଣ୍ଡି ଥାନା ତଥା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଲପୁର ଗାଁରୁ ନକଲି ଦେଶୀ ପାଉଚ୍ ମଦ କାରଖାନା ଠାବ ହୋଇଛି । ଏହି ମଦ କାରଖାନା ଚଳାଉଥିବା ବାପା, ପୁଅ ଓ ବଡ଼ମାଆଙ୍କୁ ମିଶାଇ ମୋଟ ୫ ଜଣଙ୍କୁ ଅବକାରୀ ଗୁଇନ୍ଦା ବିଭାଗ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଜଗଦଲପୁରର ବୁଲୁ ଦାସ ତାଙ୍କ ପୁଅ ବାବୁଲି ଦାସ, ବଡ଼ମାଆ କବିତା ଦାସ, ଚମାଖଣ୍ଡିର ନିରଞ୍ଜନ ରେଡ୍ଡି ଓ କଳିଆବାଲିର ପି ଗଣେଶ ରେଡ୍ଡି । ସେହିପରି ଅନ୍ୟଜଣେ ଅଭିଯୁକ୍ତ କୁହାଯାଉଥିବା ଘୋଡ଼ାଗୋପଲ୍ଲୀର ପି. ରଘୁନାଥ ରେଡ୍ଡି ଫେରାର ଥିବା ଜଣାପଡିଛି । ପୁଲିସ ନକଲି ମଦ କାରଖାନାରୁ ୧୧୪୦ ଲିଟର ଦେଶୀ ମଦ ପାଉଚ, ବିପୁଳ ପରିମାଣର ପଲିଥିନ, ୨ଟି ପ୍ୟାକିଂ ମେସିନ ଜବତ କରିଛି । ଖବର ନେବାରୁ ଜଣାପଡ଼ିଛି ଯେ, ଅବକାରୀ ଗୁଇନ୍ଦା ବିଭଗ ପକ୍ଷରୁ ଗୋଳପାଳପୁର ଜଂକସନରେ ଯାଞ୍ଚ ଚାଲିଥିବା ବେଳେ ଅଭିଯୁକ୍ତ ନିରଞ୍ଜନ ରେଡ୍ଡି ଏକ ବାଇକରେ ଟ୍ୟୁବ ଭିତରେ ଦେଶୀ ମଦ ଧରି ଯାଉଥିବା ବେଳେ ଧରାପଡ଼ିଥିଲା । ତାକୁ ପଚରାଉଚରା ବେଳେ ସେ ଏହି ଦେଶୀ ମଦ ଇନ୍ଦ୍ରାକ୍ଷୀରୁ ଆଣିଥିବା କହିଥିଲେ । ସେହିକ୍ରମରେ ବିଭାଗର ଏକ ଟିମ ଇନ୍ଦ୍ରାକ୍ଷୀରେ ଚଢ଼ଉ ବେଳେ ସେଠାରୁ ଗଣେଶଙ୍କୁ କାବୁ କରାଯିବା ସହ ତା ନିକଟରୁ ବିପୁଳ ପରିମାଣର କଞ୍ଚାମାଲ ଜବତ ହୋଇଥିଲା । ତେବେ ମଦ ପ୍ରସ୍ତୁତ ପାଇଁ କଞ୍ଚାମାଲ ଜଗଦଲପୁରର ବୁଲୁଙ୍କୁ ଯୋଗାଉଥିବା ସୂଚନାଦେବା ପରେ ବିଭାଗର ଏକ ଟିମ ଜଗଦଲପୁରରେ ଚଢ଼ଉ କରିଥିଲା । ଚଢ଼ଉବେଳେ ବୁଲୁ, ତାଙ୍କ ପୁଅ ବାବୁଲି ଓ ବାବୁଲିର ବଡମା କବିତା ଏକ ପରିତ୍ୟକ୍ତ ଘରେ ମଦ କାରଖାନା ଚଳାଉଥିବା ବିଭାଗୀୟ ଅଧିକାରୀମାନେ ଦେଖିବାକୁ ପାଇଥିଲେ । ପୂର୍ବରୁ ବାବୁଲିଙ୍କ ମା'ଦେଶୀ ମଦ କାରବାରରେ ଗିରଫ ହୋଇ ବର୍ତ୍ତମାନ ଯାଏଁ ଜେଲରେ ରହିଛନ୍ତି । ସେହି ଦିନ ଠାରୁ ବୁଲୁ ଫେରାର ଥିବା ବେଳେ ଆଜି ବିଭାଗୀୟ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ । ଚଢ଼ଉରେ ଏଏସଆଇ ସୁରେନ୍ଦ୍ର ପ୍ରଧାନ, ସୁଶାନ୍ତ ମହାଙ୍କୁଡ଼, ପ୍ରବୀରସାମଲ, ସନ୍ତୋଷ ନାୟକ, ଦୟନ୍ତି ସିଂହ ଓ ସୀତା ମୁର୍ମୁ ସାମିଲ ଥିଲେ ।

## ପିଲିବନ୍ଧ ପାର୍କରେ ସଫେଇ



ଛତ୍ରପୁର,୧୯ ।୧୨(ସମିସ): ନୂଆବର୍ଷ ପାଖେଇ ଆସୁଥିବା ବେଳେ ଦିନକୁ ଦିନ ବିଭିନ୍ନ ଦର୍ଶନୀୟ ସ୍ଥାନରେ ଜନ ସମାଗମ ଦେଖିବାକୁ ମିଳୁଛି । ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ଏଥିରୁ ବାଦ ପଡ଼ିନାହିଁ । ସହରଟି କିପରି ସୌନ୍ଦର୍ଯ୍ୟପୂର୍ଣ୍ଣ ହେବ ସେନେଇ ପ୍ରଶାସନ ତରଫରୁ ଦୁଇ ଦୁଇଟି ପାର୍କ ଯଥା ସପ୍ତାଶ୍ୱର୍ଯ୍ୟ ପାର୍କ ଓ ପିଲିବନ୍ଧ ପାର୍କ ନିର୍ମାଣ କରାଯାଇଛି । ଏହି ପାର୍କ କିପରି ପରିଷ୍କାର ପରିଚ୍ଛନ୍ନ ରହିବ ଓ ଲୋକଲୋଚନକୁ ଆସିବ ସେହି କଥା ଚିନ୍ତା କରି ଛତ୍ରପୁର ଏନଏସି ତରଫରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶନ୍ନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ଏସଡ଼ିଜେଏମ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ଓ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଏକ ସ୍ୱଚ୍ଛତା ଅଭିଯାନ ସ୍ଥାନୀୟ ପିଲିବନ୍ଧ ପାର୍କରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏନଏସି ତରଫରୁ ପରିମଳ ବିଶେଷଜ୍ଞ ସୁମିତ କୁମାର ବେହେରା, ପରିମଳ ଇନ୍ସପେକ୍ଟର ପ୍ରଭାକର ବେହେରା, ଠିକାଦାର ସୂର୍ଯ୍ୟନାରାୟଣ ପାତ୍ର ଏବଂ ସମାଜସେବୀ ଏସ. ରାମକୃଷ୍ଣ ରେଡ୍ଡୀ, ମନୋଜ ମିଶ୍ର, ଏସ. ରବି, ଛତ୍ରପୁର ଓକିଲ ସଂଘର ଉପସଭାପତି ଚୈତନ୍ୟ ପ୍ରଧାନ, ଲସିତ ବେହେରା, ମାଧବ ସାସମଲ, ଅଭିଜିତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲିଚାଲାଣ ରୋକିବା ନେଇ ସ୍ମାରକପତ୍ର



ରମ୍ଭା,୧୯ ।୧୨(ସମିସ): ଗଞ୍ଜାମ ତହସିଲ ପରିସର ଭୁକ୍ତ ଋଷିକୁଲ୍ୟା ନଦୀତଟରୁ ବାଲି ଚୋରା ଚାଲାଣ ନେଇ ବିଭିନ୍ନ ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଆପତ୍ତି, ଅଭିଯୋଗ ହୋଇଥିଲେ ମଧ୍ୟ ବିଭାଗୀୟ ଦପ୍ତରୀ ସହିତ ଚୋରା ବାଲି ଚାଲାଣ କରୁଥିବା ମାଲିକଙ୍କ କୁଆଡେ ମଧୁଚନ୍ଦ୍ରିକା ପାଳଟିଥିବା ପରବର୍ତ୍ତୀ ସମୟରେ ସମାଧାନ ହେଉନି । ତେଣୁ ଋଷିକୂଲ୍ୟା ନଦୀତଟ ପାର୍ଶ୍ୱର୍ତ୍ତି ଗ୍ରାମ ଉମୁରିଖଟିଆ, ବଜ୍ରକୋଟ, ବାହାଲପୁର, ମାଳିଜଗନ୍ନାଥପୁର, ରାଉଳିବାନ୍ଧ, କଲ୍ୟାଣପୁର, ଦାମୋଦରପୁର ପ୍ରମୁଖ ଗ୍ରାମବାସୀ ଉପରୋକ୍ତ ସମସ୍ୟା ନେଇ ଗଞ୍ଜାମ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଚୋରା ବାଲି ଚାଲାଣ ବନ୍ଦ କରିବାକୁ ଦାବି କରିଛନ୍ତି । ବାଲିଚାଲାଣ ଫଳରେ ନଦୀ କୂଳିଆ ଅଞ୍ଚଳ ମାଟି ଧୋଇଯିବା ସହ ଗାଁ ପ୍ରତି ସୃଷ୍ଟି ହେଉଛି । ଏମିତିକି କିଛି ଗାଁ ଏବେ ସମୁଦ୍ର ଆଁ ଭିତରେ ଲୀନ ହେବାର ଆଶଙ୍କା ଦେଖାଦେଇଛି । ସ୍ମାରକପତ୍ରରେ ଏସି ମୋର୍ଚ୍ଚାର କୀର୍ତ୍ତନ ଦାସ, ଏକ୍ସ ଚେୟାରମ୍ୟାନ ଗଞ୍ଜାମ କାନକେୟା ରେଡି, ଏକ୍ସ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିରାଣୀ ମହାପାତ୍ର, ଏକ୍ସ ଚେୟାରମ୍ୟାନ ଗଞ୍ଜାମ ବ୍ଲକ ରଘୁନାଥ ସାହୁ, ସନ୍ତୋଷ ଦାସ, ସୁଶାନ୍ତ ବେହେରା, ହରିହର ବେହେରା, ମାନସ ବିଶ୍ୱାଳ, ରାଜେନ୍ଦ୍ର କୁମାର ଜେନା, ଏ ରାଜା ରାଓ ରେଡି, ଡି ପର୍ଶୁରାମ ରେଡି, ଡି ରାଜେଶ ରେଡି, ଆର ପର୍ଶୁରାମ ରେଡି, ଆର ବୁଦ୍ଧି ରେଡି ପ୍ରମୁଖ ଶତାଧିକ ଦସ୍ତଖତ ସମ୍ବଳିତ ଓ ପ୍ରେରିତ ପତ୍ର ହସ୍ତଗତ ହୋଇଛି ।

### ଜି.ଉଦୟଗିରିକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରସଙ୍ଗ

# ଦୀର୍ଘବର୍ଷର ଦାବି ପ୍ରତି ସରକାରଙ୍କ ଅଣଦେଖା




ଜି.ଉଦୟଗିରି,୧୯ ।୧୨(ସମିସ): ଚଳିତ ବିଧାନସଭା ଅଧିବେଶନରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ପ୍ରଶ୍ନ କରିଥିଲେ ଜି.ଉଦୟଗିରିରେ ଉଦଘାଟନ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟର ବର୍ତ୍ତମାନ ସ୍ଥିତି କଣ ଅଛି? ଏହି ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇନାହିଁ । କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାଜସ୍ୱ ଡାକ ବଙ୍ଗଳା ଜି.ଉଦୟଗିରିରେ ଚାଲୁଛି । ମନ୍ତ୍ରୀଙ୍କ ଏଭଳି ପରସ୍ପର ବିରୋଧ ବୟାନ ନେଇ ପ୍ରତିକ୍ରିୟା ପ୍ରକାଶ ପାଉଛି । ଏମିତି ଉତ୍ତରକୁ ଲୋକେ ସହଜରେ ବୁଝି ପାରିନଥିବା ବେଳେ ଏହା ଏକ ମିଥ୍ୟା ଏବଂ ବିଭ୍ରାନ୍ତିକର ବୟାନ ବୋଲି କହିଛନ୍ତି ବୁଦ୍ଧିଜୀବୀ । ଜି.ଉଦୟଗିରିକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ସହ ଏହି କାର୍ଯ୍ୟାଳୟ ଜଡିତ ରହିଥିବାରୁ ମନ୍ତ୍ରୀଙ୍କ ଏଭଳି ଉତ୍ତର ନେଇ କ୍ଷୋଭ ପ୍ରକାଶ ପାଉଛି । ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ଦୀର୍ଘ ବର୍ଷ ହେଲା ହୋଇଆସୁଛି । ବହୁଥର ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଦିଆଯାଇଥିବା ବନ୍ଦ ଡାକରାରେ ୨୨ରୁ ଉର୍ଦ୍ଧ୍ୱ ସଂଗଠନ ସାମିଲ ହୋଇଥିଲେ । ଏହି ବନ୍ଦ ଡାକରାରେ ଜି.ଉଦୟଗିରି ପ୍ରେସ କ୍ଲବ, ଜି.ଉଦୟଗିରି ବ୍ୟବସାୟୀ ସଂଘ,ମହିଳା ଜୀବିକା ସୁରକ୍ଷା ମଞ୍ଚ, ଅନ୍ତରଙ୍ଗ, ଜି.ଉଦୟଗିରି ଓକିଲ ସଂଘ, ଭୀମ ଆର୍ମୀ ଏକତା ପରିଷଦ, ଜି. ଉଦୟଗିରି ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ, କଳିଙ୍ଗା ଯୁବକ ସଂଘ, ସଂଖ୍ୟାଲଘୁ ଫୋରମ୍, ଜି.ଉଦୟଗିରି ଅଟୋ ଚାଳକ ସଂଘ, ଜି.ଉଦୟଗିରି ଘରୋଇ ମଟର ଚାଳକ ସଂଘ, ଜି.ଉଦୟଗିରି ସରପଞ୍ଚ ସଂଘ, ଜି.ଉଦୟଗିରି ବରିଷ୍ଠ ନାଗରିକ ସଂଘ ,ଜି. ଉଦୟଗିରି ଶ୍ରମିକ ସଂଘ, ମହତାବ ଯୁବକ ସଂଘ, ଜି.ଉଦୟଗିରି ସଫେଇ କର୍ମଚାରୀ ସଂଘ, ଜି. ଉଦୟଗିରି ନିଖିଳ ଉତ୍କଳ ସେଲୁନ୍ ସଂଘ, ଜି. ଉଦୟଗିରି ଅବସର ପ୍ରାପ୍ତ କର୍ମଚାରୀ ସଂଘ, ସ୍ୱେଚ୍ଛାସେବୀ ସଂଗଠନ ଆସାର୍ଟ, ମେଜର ଧ୍ୟାନଚାନ୍ଦ ସ୍ପୋର୍ଟସ ଏଣ୍ଡ ଗେମ୍ସ ଏକାଡେମୀ, ଜି.ଉଦୟଗିରି ଓଡ଼ିଶା ମଟର ଚାଳକ ସଂଘ ସାମିଲ ହୋଇଥିଲେ । ସାଧାରଣ ନିର୍ବାଚନ ପୂର୍ବରୁ ସବୁ ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ଅଞ୍ଚଳବାସୀ ଏହାକୁ ପ୍ରମୁଖ ଦାବି ଭାବେ ଅବଗତ କରାଇବା ସହିତ ନବ ନିର୍ବାଚିତ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନଙ୍କୁ ଏହି ଦାବି ସମ୍ପର୍କରେ ଅବଗତ କରାଯାଇଥିବା ବେଳେ ସେ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏବେ ବିଧାନସଭା ଆରମ୍ଭ ହୋଇଥିବା ବେଳେ ଅଂଚଳବାସୀ ଏହି ଦାବି ପୂରଣ ହେବ ବୋଲି ଆଶା କରିଥିଲେ । ହେଲେ ମନ୍ତ୍ରୀଙ୍କ ପରସ୍ପର ବିରୋଧୀ ଉତ୍ତରରେ ସେମାନେ ନିରାଶ ହୋଇଛନ୍ତି । କ୍ରିୟାନୁଷ୍ଠାନ କମିଟି ତରଫରୁ ଏହି ପ୍ରମୁଖ ଦାବି ପୂରଣ ନହେଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଉଛି ।

୨୦୧୦ ମହିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଜି. ଉଦୟଗିରିରେ ଅତିରିକ୍ତ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଉଦଘାଟନ କରିଥିଲେ । କିନ୍ତୁ ଠିକ୍ ଭାବରେ କାର୍ଯ୍ୟକ୍ଷମ ନହେବା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହି ଭଳି ସମୟରେ ରାଜସ୍ୱ ମନ୍ତ୍ରୀଙ୍କ ବିଭ୍ରାନ୍ତିକର ଉତ୍ତରରେ କ୍ଷୋଭ ପ୍ରକାଶ କରିଛନ୍ତି ବିଭିନ୍ନ ସଂଗଠନ । ମିଥ୍ୟା ଏବଂ ବିଭ୍ରାନ୍ତିକର ବୟାନ ନଦେଇ ପ୍ରକୃତ ସତ୍ୟତା ଜାଣି କିପରି ଏହି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରିବ ସେ ଦିଗରେ ସରକାର କାମ କରିବାକୁ ଦାବି ହୋଇଛି ।

### ସେମାନେ ଯାହା କହନ୍ତି



■ ରାଜସ୍ୱ ମନ୍ତ୍ରୀଙ୍କ ବୟାନ ମିଥ୍ୟା ତଥ୍ୟ ଉପରେ ଆଧାରିତ । ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଦ୍ୱାରା୨୦୧୦ ମସିହାରେ ଉଦଘାଟିତ ହୋଇଥିଲା । ଆଜି ଏହି କାର୍ଯ୍ୟାଳୟ ସଂପୂର୍ଣ୍ଣ ବନ୍ଦ ଅଛି । ତେଣୁ ବିଭ୍ରାନ୍ତିକର ତଥ୍ୟ ନଦେଇ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ଗୁରୁତ୍ୱ ଦିଅନ୍ତୁ ।

ପୂର୍ବତନ ବାର ଆସୋସିଏସନ ସଭାପତି
ଦୀପକ ଭରଦ୍ୱାଜ



■ ମନ୍ତ୍ରୀଙ୍କ ଲିଖିତ ଉତ୍ତର ନିରାଶଜନକ ଓ ଦୁଃଖଦାୟକ । ମନ୍ତ୍ରୀ ସଂପୂର୍ଣ୍ଣ ମିଥ୍ୟା ରିପୋର୍ଟ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟାଳୟରେ କୌଣସି କାମ ହେଉନାହିଁ । ତେଣୁ ମନ୍ତ୍ରୀ ଏଥି ନିମନ୍ତେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ କରିବା ସହ ସତ୍ୟତା ଜାଣି କିପରି କାର୍ଯ୍ୟକ୍ଷମ ହେବ ସେଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

ଯୁବ ସମାଜ ସେବୀ
ଆମନ ଚନ୍ଦ୍ର ନାୟକ

## କଂଗ୍ରେସ ନେତା ଗଣେଶ ରେଡ୍ଡୀଙ୍କ ଦେହାନ୍ତ

ଗଞ୍ଜାମ,୧୯ ।୧୨(ସମିସ): କଂଗ୍ରେସର ବରିଷ୍ଠ ନେତା ତଥା ଗଞ୍ଜାମ ବ୍ଲକ ସଭାପତି ଏନ. ଗଣେଶ ରେଡ୍ଡୀଙ୍କ ଦେହାନ୍ତ ଘଟିଛି । ଖବର ପାଇ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ କାଇଞ୍ଚପୁର ଗ୍ରାମସ୍ଥିତ ବାସ ଭବନରେ ଦଳବଳ ନିର୍ବିଶେଷରେ ବିଭିନ୍ନ ବର୍ଗର ଲୋକେ ତାଙ୍କର ଶେଷ ଦର୍ଶନ କରିଥିଲେ । ମଙ୍ଗଳବାର ରାତିରେ ହଠାତ ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଥିଲା । ସାନଖେମୁଣ୍ଡି ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ରମେଶ ଜେନା, ଛତ୍ରପୁର କଂଗ୍ରେସ ବିଧାୟକ ପାର୍ଥୀ ଭାଗିରଥି ବେହେରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କଂଗ୍ରେସ ଗଞ୍ଜାମ ନଗର ସଭାପତି ଯଜ୍ଞେଶ୍ୱର ଶତପଥୀ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ଏକ ମାତ୍ର ପୁଅ କୁନା ରେଡ୍ଡୀ ମୁଖାଗ୍ନି ଦେଇଥିଲେ ।

## ବିଦ୍ୟାଳୟରେ ପୋଷାକ ବଣ୍ଟନ



ରଙ୍ଗେଇଲୁଣ୍ଡା,୧୯ ।୧୨(ସମିସ): ଗୁରୁବାର ରଙ୍ଗିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବିଇଓ ଦେବେନ୍ଦ୍ର ବେହେରା, ସମିତି ସଭ୍ୟା କବିତାରାଣୀ ଦାଶ ଅତିଥି ରୁପେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟବତୀ ପାତ୍ର ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ଅଗ୍ରଗତି ଓ ଭଲ ପାଠ ପଢିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ଶିକ୍ଷୟିତ୍ରୀ ଗୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ନାଏବ ସରପଞ୍ଚ ମେନକା ନାହାକ, ଅମିତ କୁମାର ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ସାରସ୍ୱତ ସମ୍ମିଳନୀ ପାଇଁ ପ୍ରସ୍ତୁତି



ପାତ୍ରପୁର,୧୯ ।୧୨(ସମିସ): ପାତ୍ରପୁର ବ୍ଲକ ତଣ୍ଡିପୁରସ୍ଥିତ ଶ୍ରୀବିଶୁଦ୍ଧାନନ୍ଦ ମଠରେ ଆସନ୍ତା ୨୨ ତାରିଖ ଠାରୁ ତିନି ବ୍ୟାପୀ ୫୧ତମ ସାରସ୍ୱତ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ । ଏନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ କୋମଳରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶାନ୍ତି ଶୃଙ୍ଖଳାର ସହ କିପରି ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ ସେନେଇ ଆଲୋଚନା ହୋଇଥିଲା । ଉକ୍ତ ସମ୍ମିଳନୀ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଧୁ ସନ୍ଥ, ଭକ୍ତ, ଶିଷ୍ୟ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଋତୁପର୍ଣ୍ଣା ନାୟକ, ଅରୁଣ କୁମାର ପଣ୍ଡା, ବାଲାଜୀ ପାଣିଗ୍ରାହୀ, ଦେବରାଜ ପାଣିଗ୍ରାହୀ, ମନୋଜ ମଣ୍ଡଳ, ନିରଞ୍ଜନ ପାଣିଗ୍ରାହୀ, ସ୍ୱାଧୀନ ସାହୁ, ଯତୀନ କୁମାର ସାହୁ, ଦେବକୀ ନନ୍ଦନ ନାୟକ, ସୁକାନ୍ତ ପାଣିଗ୍ରାହୀ, ବିଶୁଦ୍ଧ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ସାଧୁ ସମାବେଶ ପାଇଁ ପ୍ରସ୍ତୁତି



ଛତ୍ରପୁର,୧୯ ।୧୨(ସମିସ): ଛତ୍ରପୁର ଉପକଣ୍ଠ ମା'ରାମଚଣ୍ଡୀ ପୀଠରେ ବିଶାଳ ସାଧୁ ସମ୍ମିଳନୀ ଓ ଦ୍ୱିତୀୟ ବାର୍ଷିକ ଉତ୍ସବ ଫେବୃୟାରୀ ମାସରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଛତ୍ରପୁର ନିର୍ବାଚନମଣ୍ଡଳୀରର ଯୁବ ସମାଜସେବୀ ପ୍ରଶାନ୍ତ କୁମାର କରଙ୍କ ନେତୃତ୍ୱରେ ରାମାଧୀନ ସଂସ୍କୃତ କଲେଜ, ବ୍ରହ୍ମପୁରର ଅଧ୍ୟକ୍ଷ ଡ଼ ହରିହର ଦାସ ଓ ଅନ୍ୟ ସନ୍ଥ ମାନେ ଅନୁଧ୍ୟାନ କରିବା ସହ ମା'ଙ୍କ ଆଶୀର୍ବାଦ ନେଇଛନ୍ତି । କାର୍ଯ୍ୟକ୍ରମରେ ସାରା ଓଡିଶାରୁ ସନ୍ଥ ଆସିବା ପାଇଁ ଆଲୋଚନା କରାଯାଇଛି । ବୈଠକରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜୀ ମିଶ୍ର, ପୂଜା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ସଂଯୋଜକ କମଲ ପଣ୍ଡା, ସହ ଯୁବ ଜ୍ୟୋତିଷ ଦୀପକ କୁମାର ଦାସ, ମ୍ୟାନେଜର ସନ୍ତୋଷ ପଣ୍ଡା, ସୁଧୀର ମହାରଣା, ବରୁଣ ଚୌଧୁରୀ, ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ ।

# ବାଦ୍ ପଡୁଛନ୍ତି ପ୍ରକୃତ ଚାଷୀ; ଧାନକିଣା କାହା ପାଇଁ?



- ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନକିଣିବା ବାଧ୍ୟତାମୂଳକ କରିବାକୁ ଦାବି
- ଧାନ କିଣିବାକୁ ସଜ ହେଲେଣି ଆନ୍ଧ୍ର ବେପାରୀ
- ଅଦିନିଆ ବର୍ଷା ଯୋଗୁଁ ବିଳମ୍ବ ହୋଇପାରେ ଧାନ ଅମଳ

ବ୍ରହ୍ମପୁର,୧୯ ।୧୨(ସମିସ)

କୃଷି ପ୍ରଧାନ ଜିଲ୍ଲା ଗଞ୍ଜାମ । ଧାନ ଚାଷ ହେଉଛି ଏଠାକାର ମୁଖ୍ୟ ବେଉଷା । ମୁଖ୍ୟତଃ ଧାନ ବିକିଲେ ହିଁ ଏଠାକାର ଚାଷୀଙ୍କ ବର୍ଷସାରା ଗୁଜୁରାଣ ମେଣ୍ଟେ । ଘରର ଭଲ ମନ୍ଦ, ଯାବତୀୟ ଖର୍ଚ୍ଚ, ସାହୁକାର ଋଣ ଓ ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ମଧ୍ୟ ଧାନ ବିକ୍ରିରୁ ଅର୍ଜିତ ଧନରେ ହିଁ ପ୍ରାୟତଃ ହୋଇଥାଏ । ଏହି ସବୁ ଲକ୍ଷ୍ୟରୁ ଅନେକ ଚାଷୀମାନେ ସରକାରଙ୍କୁ ମଣ୍ଡିରେ ଧାନ ବିକି ଉଚିତ ପ୍ରାପ୍ୟ ପାଇବା ଆଶାରେ ରହିଥାନ୍ତି । ହେଲେ ବିଗତବର୍ଷରେ ପ୍ରଶାସନିକ ଅବହେଳା କାରଣରୁ ପଞ୍ଜିକୃତ ପ୍ରକୃତ ଚାଷୀମାନେ ମଣ୍ଡିରେ ଧାନ ଦେବାରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି । ସୂଚନା ପ୍ରକାରେ ୨୦୨୦ମସିହାଠାରୁ ୨୪ମସିହା ପର୍ଯ୍ୟନ୍ତ ସମୁଦାୟ ୧ଲକ୍ଷ ୨୦ହଜାର ୪୦୦ଜଣ ପଞ୍ଜିକୃତ ଚାଷୀ ସରକାରଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ପ୍ରକ୍ରିୟାରୁ ବାଦ ପଡ଼ିଥିବା ଏକ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଥିବା ଚାଷୀମାନେ ତଥା ଋଷିକୂଲ୍ୟା ରୟତ ମହାସଭାର ଆବାହକ ସୀମାଞ୍ଚଳ ନାହାକ କହିଛନ୍ତି । ଏହିକ୍ରମରେ ୨୦୨୦/୨୧ ଆର୍ଥିକ ବର୍ଷରେ ୪୩ହଜାର ଜଣ ପଞ୍ଜିକୃତ ଚାଷୀ ସରକାରଙ୍କୁ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲେ । ସେହିଭଳି ୨୦୨୧/୨୨ ମସିହାରେ ୨୬ହଜାର ୪୦୦, ୨୦୨୨/୨୩ ମସିହାରେ ୨୨ହଜାର, ୨୦୨୩/୨୪ ମସିହାରେ ୨୯ହଜାର ପଞ୍ଜିକୃତ ଚାଷୀ ସରକାରଙ୍କୁ ମଣ୍ଡିରେ ଧାନ ବିକ୍ରି କରିବାରେ ବାଦ ପଡ଼ିଛନ୍ତି । ଶ୍ରୀ ନାହାକ କହିଛନ୍ତି ଯେ, ଏ କ୍ଷେତ୍ରରେ ପ୍ରମୁଖତଃ ଭାଗଚାଷୀ, ନାମମାତ୍ର ଚାଷୀ ଓ ଛୋଟ ଚାଷୀ ରହିଥିବା କୁହାଯାଉଛି । ଫଳରେ ଗରିବ, ଦଳିତ, ଆଦିବାସୀ ଚାଷୀମାନେ ବାହାରେ କମ ଟଙ୍କାରେ ଧାନ ବିକି ଅନେକ ମାତ୍ରାରେ କ୍ଷତି ସହୁଛନ୍ତି । ଚଳିତ ବର୍ଷ ସରକାର ପ୍ରତି ପଞ୍ଚାୟତରେ ମଣ୍ଡି କରିବା ପାଇଁ ନିଷ୍ପତି ନେଇଛନ୍ତି । ଗଞ୍ଜାମ ଚାଷୀମାନେ ଏହି ନୂଆଁ ପଦ୍ଧତିରେ ଅଭ୍ୟସ୍ତ ନୁହନ୍ତି । ପୁଣି ଧାନ ନେଇ ଚାଷୀ ମଣ୍ଡିରେ ଜଗିବାକୁ ପଡ଼ିବ । ଚଳିତବର୍ଷ ଧାନ ମଣ୍ଡିରେ ଅନେକ ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି ବୋଲି ସୀମାଞ୍ଚଳ ନାହାକ ଅଭିଯୋଗ କରିଛନ୍ତି । ଗଞ୍ଜାମ ଚାଷୀ ସ୍ୱାଭିମାନ । ମିଲର ଅଧିକା ୫କିଲୋ ଧାନ ନେଉ ପଛକେ, ଖଳାରୁ ଧାନ ସୁରୁଖୁରୁରେ ଯାଉ ବୋଲି ଭାବନ୍ତି ।

ଚଳିତବର୍ଷ ୧ଲକ୍ଷ ୪୬ହଜାର ଚାଷୀ ଧାନ କିଣିବା ଲାଗି ନିଜକୁ ପଞ୍ଜିକୃତ କରିଛନ୍ତି । ଚଳିତ ନିୟମରେ ପଶି ପଞ୍ଜିକୃତ ୫୦ଭାଗ ଚାଷୀଙ୍କ ଧାନ କିଣିବା କଷ୍ଟକର ହେବ ବୋଲି ଶ୍ରୀ ନାହାକ ସନ୍ଦେହ ପ୍ରକଟ କରିଛନ୍ତି । ଏପଟେ ଗୋଟିଏ ମଣ୍ଡିରେ ଦୈନିକ ୧ହଜାର କ୍ୱିଣ୍ଟାଲ ଧାନ କିଣାଯିବାକୁ ଯୋଗାଣ ବିଭାଗ ଲକ୍ଷ୍ୟ ରଖିଥିବା କୁହାଯାଉଛି । ଏଭଳି ହେଲେ ଦିନକୁ ଅନୁନ୍ୟ ୫୦ରୁ ୬୦ଜଣ ଚାଷୀଙ୍କ ଧାନ କିଣାଯିବ । ଏଥିଲାଗି ଦୈନିକ ୧୦ଟି ବଡ଼ ଗାଡ଼ି ଦରକାର । ଏତେ ଜଣ ଚାଷୀଙ୍କ ଧାନ କିଣିବା ପ୍ରଶାସନିକ ଅଧିକାରୀ ଓ ନେତାମାନେ ବ୍ୟବସ୍ଥା କରିବା ଦରକାର ବୋଲି ଶ୍ରୀ ନାହାକ କହିଛନ୍ତି । ଚଳିତବର୍ଷ ବର୍ଷା ଅଭାବରୁ ଗଞ୍ଜାମ ଜିଲ୍ଲାରେ ବିଳମ୍ବରେ ଧାନ ରୁଆ ହୋଇଥିଲା । କଟା ସମୟରେ ଅଦିନିଆ ବର୍ଷା ହେଲା । ଫଳରେ ଧାନ କଟା କିଛି ସ୍ଥାନରେ ସ୍ଥଗିତ ରଖାଯାଇଥିଲା । ବର୍ତ୍ତମାନ ଡ଼ିସେମ୍ବର ଶେଷ ସୁଦ୍ଧା ବିଭିନ୍ନ ଅଞ୍ଚଳରେ ଧାନ କଟା ଜାରି ରହିବ ବୋଲି ଚାଷୀ ମାନେ କହିଛନ୍ତି । ହେଲେ ଧାନ କିଣାରେ ମଧ୍ୟ ବିଳମ୍ବ ହୋଇପାରେ ବୋଲି ଆଶପ୍ରକଟ କରାଯାଇଛି । ଦିନକୁ ଅନ୍ୟୁନ୍ୟ ୨୫ଶହ ଚାଷୀଙ୍କ ଧାନ କିଣାଗଲେ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯାଇପାରିବ । ଏଥିଲାଗି ଜିଲ୍ଲା ପ୍ରଶାସନ, ଯୋଗାଣ ବିଭାଗ ସଜାଗ ହେବାର ଆବଶ୍ୟକତା ରହିଛି । ନଚେତ ପୂର୍ବଭଳି ଚାଷୀମାନେ ମଣ୍ଡିରେ ଧାନ ନବିକି ଆନ୍ଧ୍ର ବେପାରୀଙ୍କୁ ବିକିବାକୁ ବାଧ ହେବେ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ଏବେଠାରୁ ଆନ୍ଧ୍ର ବେପାରୀ ମାନେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ସକ୍ରିୟ ହେଲେଣି । ଯଦି ସରକାରୀ ମଣ୍ଡିରେ ବିକ୍ରି ବଟାରେ ଅସୁବିଧା ହୁଏ ତେବେ ଚାଷୀ ବାଧ ହୋଇ ବେପାରୀଙ୍କୁ ଧାନ ବିକ୍ରି କରିବେ । ଏଥିଦ୍ୱାରା କ୍ଷତି ମଧ୍ୟ ସହିବେ । ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାର ଅନେକ ଚାଷୀଙ୍କ ନିକଟରୁ ଧାନ ବିକ୍ରି ନେଇ ମେସେଜେ ଆସିଛି । ଏହାର ଅବଧି ଏକମାସ ରହିଛି । ତେବେ ୨୩ତାରିଖରେ ମଣ୍ଡି ଆରମ୍ଭ ହେବ ବୋଲି ଯୋଗାଣ ବିଭାଗ ସ୍ଥିର କରିଥିବା ବେଳେ ଚଳିତବର୍ଷ କିଭଳି ଧାନକିଣା ପ୍ରକ୍ରିୟା ସୁରୁଖୁରରେ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି ।

### ତେଜ୍ ଏଗ୍ରୋ ଫ୍ୟାକ୍ଟ୍ରିରେ ନିଆଁ

## ତିନି କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପାଉଁଶ

କୋଦଳା,୧୯ ।୧୨(ସମିସ)



ଗଞ୍ଜାମ ଜିଲ୍ଲା କୋଦଳା ଏନଏସି ୱାର୍ଡନଂ ୩ ଲୁହାଶଙ୍ଖ ସ୍ଥିତ ତେଜ୍ ଏଗ୍ରୋ ନାମକ ଏକ ଜୁସ ଫ୍ୟାକ୍ଟ୍ରିରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି । ସେଥିରେ ପ୍ରାୟ ତିନି କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କଞ୍ଚାମାଲ ଓ ଯନ୍ତ୍ରାଂସ ପୋଡି ନଷ୍ଟ ହୋଇଯାଇଥିବା ନେଇ ଏହାର ମାଲିକ ଅଜିତ ପ୍ରସାଦ ସାହୁ କହିଛନ୍ତି ।

ସବୁଦିନ ପରି ଗୁରୁବାର ସକାଳ ୬ଟାବେଳେ ଫ୍ୟାକ୍ଟ୍ରିର ମାଲିକ ଅଜିତ ପ୍ରସାଦ ସାହୁ ଫ୍ୟାକ୍ଟ୍ରି ନିକଟକୁ ଆସି ପହଞ୍ଚିଲା ବେଳକୁ ଲୋକ ମାନେ ଫ୍ୟାକ୍ଟ୍ରି ଆଗରେ ନିଆଁ ଲାଗି ଯାଇଥିବା କହି ଗହଳି କରିଥିଲେ । ହଠାତ କଣ ହୋଇଗଲା ଭାବି ଅଜିତ ଫ୍ୟାକ୍ଟ୍ରି ପାଖକୁ ଯାଇ ଦେଖିଲା ବେଳକୁ ଫ୍ୟାକ୍ଟ୍ରି ମଧ୍ୟରୁ ପ୍ରବଳ ଧୂଆଁ ବାହାରୁଥିଲା । ଗେଟ ଖୋଲିବା କ୍ଷଣି ହୁତୁ ହୁତୁ ହୋଇ ନିଆଁ ଜୋର୍‌ରେ ଜଳିବାକୁ ଲାଗିଲା । କୋଦଳା ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡର କାରଣ ଜଣାପଡି ନଥିବା ବେଳେ ସଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ନେଇ ସନ୍ଦେହ କରାଯାଉଛି । ଏନେଇ କୋଦଳା ଥାନାରେ ଲିଖିତ ଏତଲା ଦିଆଯାଇଥିବା ନେଇ ସୂଚନା ମିଳିଛି ।

## ମେଘୁଆ ପାଗ ଦେଖି ଚାଷୀ ଛାନିଆ



ଛତ୍ରପୁର,୧୯ ।୧୨(ସମିସ): ଛତ୍ରପୁର ବ୍ଲକ ଅଞ୍ଚଳରେ ଗତ ଦୁଇଦିନ ହେଲା ପାଗ ମେଘୁଆ ରହିଛି । ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀ । ବ୍ଲକ ଅଞ୍ଚଳରେ ୧୫ ହଜାରରୁ ଅଧିକ ହେକ୍ଟର ଚାଷ ଉପଯୋଗୀ ଜମି ଥିବାବେଳେ ୭ ହଜାର ୨୫୨ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ବର୍ତ୍ତମାନ ସବୁ ଜମିରେ ଧାନ ପାଚି ଗଲାଣି । କିଛି ଚାଷୀ ଅମଳ ଧାନ କାଟୁଛନ୍ତି, ଆଉ କିଛି ଚାଷୀ ଅମଳ ଧାନ ଖଳାରେ ରଖୁଛନ୍ତି । ସେପଟେ ଅଧିକାଂଶ ଚାଷୀଙ୍କ ଧାନ ଜମିରେ ରହିଥିବା ଦେଖିବାକୁ ମିଳିଛି । ଏଭଳି ସ୍ଥିତିରେ ଯଦି ବର୍ଷା ହୋଇଯାଏ ତାହେଲେ ପାଚିଲା ଧାନ ନଷ୍ଟ ହୋଇଯିବ । ସେହିପରି ଖଳାରେ ଥିବା ଧାନ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି । ମେଘୁଆ ପାଗ ସାଙ୍ଗକୁ କୋହଲା ପବନ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । କାରଣ ପବନ ଅଧିକ ହେଲେ ବିଲରୁ କଟାଯାଇ ନ ଥିବା ଧାନ ଝଡ଼ିଯିବ । ଏଥିପାଇଁ ଭଗବାନ ହିଁ ଭରସା ବୋଲି ଚାଷୀ କହିଛନ୍ତି ।

## କନ୍ଧମାଳ ସାମ୍ବାଦିକ ୟୁନିୟନ୍‌ର ନୂତନ କର୍ମକର୍ତ୍ତା ଚୟନ

ଫୁଲବାଣୀ,୧୯।୧୨(ସମିସ): କନ୍ଧମାଳ ଜିଲ୍ଲା ସାମ୍ବାଦିକ ୟୁନିୟନର ଦ୍ୱିବାର୍ଷିକୀ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକ ଜିଲ୍ଲା ପ୍ରେସ କ୍ଲବରେ ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ସାମ୍ବାଦିକ ମହାଦେବ ସାହୁ ଓ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଦାୟିତ୍ୱ ନିର୍ବାହ କରିଥିଲେ । ନୂତନ ସଭାପତି ଭାବେ ସୁଜିତ ବେହେରାଙ୍କୁ ଚୟନ କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଅଜିତ ନାୟକଙ୍କୁ ଚୟନ କରାଯାଇଥିଲା । ସେହିପରି କାର୍ଯ୍ୟକାରୀ ସଭାପତି ଭାବରେ ଅଶୋକ କୁମାର ମହାନ୍ତି, ଉପ ସଭାପତି ଭାବରେ ଫୁଲବାଣୀ ନିର୍ବାଚନମଣ୍ଡଳୀ ପାଇଁ ସୁବ୍ରତ କୁମାର ମହାନ୍ତି, ଜି.ଉଦୟଗିରି ନିର୍ବାଚନମଣ୍ଡଳୀ ପାଇଁ ଆଦିତ୍ୟ ପ୍ରସାଦ ପାଢି ଓ ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରବୀଣ କୁମାର ପଟ୍ଟନାୟକ, ସହ ସମ୍ପାଦକ ଭାବେ ଅନନ୍ତ କୁମାର ଦିଗାଲ, ରାକେଶ କୁମାର ସାହୁ, ସାମୁଏଲ ପ୍ରଧାନ ଚୟନ ହୋଇଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରଦୀପ କୁମାର ବେହେରା, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅରୁଣ କୁମାର ସାହୁ, ସୋସିଆଲ୍ ମିଡିଆ ସମ୍ପାଦକ ଭାବେ ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କୁ ଚୟନ କରାଯାଇଛି । ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଭାବେ ବ୍ରଜମୋହନ ନାୟକ, ଭଗବତୀ ସାବତ, ମନୋଜ କୁମାର ଗଉଡ, ଅସିତ୍ ବେହେରା, ଗୋଲକ ବିହାରୀ କହଁର, ହୁରୁଞ୍ଜନ ସେଠୀ ଦୀପକ କୁମାର ପରା ସେଠ୍, ଅଶୋକ ସିଂ, ଭି ଲୋକନାଥ ରାଜୁଙ୍କୁ ଚୟନ କରାଯାଇଛି । ସେହିଭଳି ଆଇନ ଉପଦେଷ୍ଟା ଭାବେ ବିରେନ୍ଦ୍ର କୁମାର ସୁବୁଦ୍ଧିଙ୍କୁ ଚୟନ କରାଯାଇ ଥିବାବେଳେ ଅନ୍ୟତମ ଉପଦେଷ୍ଟା ଭାବେ ଶରତ କୁମାର ମିଶ୍ର, ମହାଦେବ ସାହୁ ଓ ପ୍ରଶାନ୍ତ କୁମାର ବେହେରାଙ୍କୁ ଚୟନ କରାଯାଇଛି ।

## ଚାକିରି ନାଁରେ ୬୦ ଲକ୍ଷ ଠକେଇ

### ପୀଡ଼ିତ ଯୁବକ ଥାନାରେ ଦ୍ୱାରସ୍ଥ



ଆସିକା,୧୯ ।୧୨(ସମିସ): ରେଳବାଇରେ ଚାକିରି କରାଇ ଦେବା ନାଁରେ ଆସିକା ଥାନା ନଳବଣ୍ଟା ଗ୍ରାମର ସନ୍ତୋଷ କୁମାର ପାଢ଼ୀ ଠକେଇର ଶିକାର ହୋଇଛନ୍ତି । ଏନେଇ ସନ୍ତୋଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସେ ସରକାରୀ ଚାକିରି ଆଶାରେ ୬୦ ଲକ୍ଷ ଟଙ୍କା ଆସିକା କାଳକଣ୍ଠପୁର ଗ୍ରାମର ଉଦୟନାଥ ମୁନି ଓ ଗୋପାଳପୁର ଅଞ୍ଚଳର ଜଗଦିଶ ବେହେରାଙ୍କୁ ଦେଇଥିଲେ । ତେବେ ସମ୍ପୃକ୍ତ ଦଲାଲମାନେ ସନ୍ତୋଷଙ୍କୁ ବିଶ୍ୱାସ କରାଇବା ପାଇଁ ଫେକ ନିଯୁକ୍ତିପତ୍ର ଓ ପରିଚୟପତ୍ର ଦେବା ସହ ବିଭିନ୍ନ ପ୍ରକାର ରେଲୱେର ମୋହର ଥାଇ ଲେଟର ଦେଉଥିଲେ । ଏପରିକି ତାଙ୍କୁ ଚାକିରିର ଟ୍ରେନିଂ ପାଇଁ ତାମିଲନାଡୁର ଏକ ସ୍ଥାନକୁ ନେଇ ସେଠାରେ ମିଥ୍ୟା ଟ୍ରେନିଂ ମଧ୍ୟ କରାଇଥିଲେ । ତେବେ କିଛି ମାସ କରିବା ପରେ ଦରମା ଆସି ନଥିବାରୁ ସନ୍ଦେହ ହେଇଥିଲା । ଫଳରେ ସେ ବାରମ୍ବାର ଟଙ୍କା ନେଇଥିବା ଓ ନିଯୁକ୍ତପତ୍ର ଦେଇଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ଟଙ୍କା ମାଗିବାରୁ ସନ୍ତୋଷଙ୍କୁ ଦୁର୍ବୃତ୍ତମାନେ ସନ୍ତୋଷଙ୍କୁ ମାଡ଼ ମାରିଥିଲେ । ଏମିତିକି ଥାନାରେ ଅଭିଯୋଗ ଦେଲେ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ । କେବଳ ସନ୍ତୋଷ ନୁହନ୍ତି ଗଞ୍ଜାମ ଜିଲ୍ଲାର ଅନେକ ବେକାର ଯୁବକ ଓ ଯୁବତୀ ଚାକିରି ପାଇଁ ଲକ୍ଷ ଲକ୍ଷ ଟଙ୍କା ଦେଇ ନିରାଶ ହୋଇଛନ୍ତି । ଗତ ଦୁଇଦିନ ତଳେ ବ୍ରହ୍ମପୁର ପୁଲିସ ଅନୁରୂପ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଦିଗପହଣ୍ଡି,୧୯ ।୧୨(ସମିସ): ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ଗ୍ରାମ ସ୍ଥିତ ପଞ୍ଚାୟତ ହାଇସ୍କୁଲ ପ୍ରାଙ୍ଗଣରେ ଗୁରୁବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ଶିଶିର କୁମାର ନାୟକ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ସରପଞ୍ଚ ବି.ଲିଙ୍ଗରାଜ ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷକ ସଂଘ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ଼.ବିଜୟ ଚନ୍ଦ୍ର ମହାରଣା ସମ୍ମାନିତ ଅତିଥି ଭାବେ ସଂଘର ଉପଦେଷ୍ଟା ଭୀମସେନ ଗୌଡ଼, ରାଜେନ୍ଦ୍ର ମହାନ୍ତି, ସମ୍ବଲ ଶିକ୍ଷକ ମେନସନ ପ୍ରଧାନ, ଶିକ୍ଷକ ଈଶ୍ୱର ଭୁଁୟା, ଜଗନ୍ନାଥ ପ୍ରଧାନ, ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିଲେ । ସଂସ୍କୃତ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ବେଦପାଠ କରିବା ପରେ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ ।

### ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

## ଭୂମିହୀନଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ ନିର୍ଦ୍ଦେଶ

ଛତ୍ରପୁର,୧୯ ।୧୨(ସମିସ)



ଗଞ୍ଜାମ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବସୁନ୍ଧରା ଯୋଜନା ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୬୩୨ ଜଣ ଭୂମିହୀନଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବା ନିମନ୍ତେ କୁହାଯାଇଛି । ସହରାଞ୍ଚଳ ହେଉବା ଗ୍ରାମାଞ୍ଚଳ ହେଉ ଯିଏ ବି ସରକାରୀ ଜମି ଜବରଦଖଲ କରି କୋଠା ନିର୍ମାଣ କରିଛନ୍ତି ତୁରନ୍ତ ତାହା ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରଙ୍କୁ କୁହାଯାଇଛି । ସେହିପରି ଆବେଦନ ଆସିଥିବା ଗ୍ରାମକଣ୍ଟକ କେସ ଗୁଡିକ ଫଇସଲା କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବେ-ବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ କରିବାକୁ ବୈଠକରେ କୁହାଯାଇଥିଲା । ସରକାରୀ ସ୍କୁଲ, କଲେଜ ଓ ଡିଗ୍ରୀ କଲେଜକୁ ଜମି ପଟ୍ଟା ପ୍ରଦାନ କରିବାକୁ କୁହାଯାଇଛି । ବିଭିନ୍ନ ବିଭାଗର ଲକ୍ଷ୍ୟ ଧାର୍ଯ୍ୟକୁ ପୂରଣ କରିବା ପାଇଁ କୁହାଯାଇଥିବା ବେଳେ ସମୟସୀମା ମଧ୍ୟରେ ଲକ୍ଷ୍ୟ ହାସଲ କରିବାକୁ କୁହାଯାଇଛି । ଏହା ବ୍ୟତୀତ ଗଞ୍ଜାମ ଓ ବ୍ରହ୍ମପୁର ଅବକାରୀ ଜିଲ୍ଲାରେ ବେଆଇନ ମଦ କାରବାର, ଚୋରାଚାଲାଣ ରୋକିବାକୁ କୁହାଯାଇଛି, ଏନଫୋର୍ସମେଣ୍ଟ ଟିମ ଗଠନ କରି ଚଢ଼ଉକୁ ଜୋରଦାର କରିବାକୁ କୁହାଯାଇଛି ।

ସେହିପରି ସଡକ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ଆରଟିଓଙ୍କ ପକ୍ଷରୁ ହେଲମେଟ ଚେକିଂ ସହିତ ଅଧିକରୁ ଅଧିକ ଏନଫୋର୍ସମେଣ୍ଟ କରିବାକୁ କୁହାଯାଇଥିଲା । ବିଶେଷକରି ଜାତୀୟ ରାଜପଥ, ସହରାଞ୍ଚଳ, ସ୍କୁଲ ବସ ଆଦି ସ୍ଥାନରେ କଡାକଡି ଚେକିଂ ପାଇଁ ଆରଟିଓଙ୍କୁ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲ୍ଲାପାଳ ଧୀନା ଦସ୍ତାଗିର, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ ଓ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଡେପୁଟି କଲେକ୍ଟର (ରାଜସ୍ୱ) ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## କଲେଜରେ ଆଧ୍ୟାତ୍ମିକ ଆଲୋଚନାଚକ୍ର



କୋଦଳା,୧୯ ।୧୨(ସମିସ): ଗୁରୁବାର କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଇତିହାସ ବିଭାଗ ଅଧ୍ୟାପକ ସପନ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ପରିଷଦ ସଭାପତି ଏସ. ସୂର୍ଯ୍ୟନାରାୟଣ ଦୋରା ଛାତ୍ରଛାତ୍ରୀଙ୍କ ଆଧ୍ୟାତ୍ମିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ରଘୁନାଥ ମୁଦୁଲି ଆଧ୍ୟାତ୍ମିକ ପରମ୍ପରାର ବିଭିନ୍ନ ଦିଗ ଉପରେ ନିଜ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ବୃନ୍ଦାବନନିବାସୀ ସନ୍ଥ ଦୀନବନ୍ଧୁ ଦାସ ମହାରାଜ ଯୋଗଦେଇ ଭାଗବତ, ରାମାୟଣ ଓ ଗୀତା ଆଦିର ସାର ମର୍ମ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଗରିକା ଦାଶ, ରତ୍ନାକର ପ୍ରଧାନ, ଡଃ ଯୋଛନାରାଣୀ ସାହୁ, ଗୃହଲକ୍ଷ୍ମୀ ସାହୁ, ତପସ୍ୱିନୀ କରଣ, ଅପରାଜିତା ପାତ୍ର, ମନୀଷା ପଟ୍ଟନାୟକ, ବର୍ଷାରାଣୀ ମହାନ୍ତି, ଲିପୁନ ମାଝୀ ପ୍ରମୁଖ ଅଧ୍ୟାପକ /ଅଧ୍ୟାପିକାଙ୍କ ସମେତ କର୍ମକର୍ତ୍ତା ଓ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

■ ଦୁର୍ଘଟଣାରେ ଆରପାରିକୁ ଚାଲିଯାଇଛନ୍ତି ବାପା ମା'

# ସାହାରା ଖୋଜୁଛନ୍ତି ଅନାଥ ୨ ଭଉଣୀ



କୋଷାଗୁମୁଡ଼ା,୧୯।୧୨(ସମିସ): ବର୍ଷେ ତଳେ ଏକ ଦୁର୍ଘଟଣାରେ ଆରପାରିକୁ ଚାଲିଯାଇଛନ୍ତି ବାପା ମା'। ଏହାପରେ ସାହାରା ଖୋଜୁଛନ୍ତି ଦୁଇ ଅନାଥ ଭଉଣୀ । ସେମାନେ ହେଲେ ରୀନା ମାଳି(୧୧) ଓ ବେଲମତି ମାଳି (୬)। ବର୍ତ୍ତମାନ ବଞ୍ଚିବା ପାଇଁ ଉଭୟ କୁନି ଶିଶୁ ପାଦେ ପାଦେ ସଂଗ୍ରାମ କରୁଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଟେମେରା ପଞ୍ଚାୟତର ତୁରାହାଣ୍ଡି ଗ୍ରାମର ମାଳିସାହିଠାରେ। ସୂଚନାନୁଯାୟୀ, ବର୍ଷେ ପୂର୍ବରୁ ଦୁଇ ଭଉଣୀଙ୍କ ପିତା ମାତା ଓ ତାଙ୍କର ସାନ ଭାଇ ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଫଳରେ କୁନି ବୟସରେ ଦୁଇ ଭଉଣୀ ବେସାହାରା ହୋଇ ବହୁ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ସରକାରୀ ସହାୟତା କହିଲେ ଅର୍ଦ୍ଧ ନିର୍ମିତ ଇନ୍ଦିରା ଆବାସ ଗୃହ ଓ ୧୦ କେଜି ଚାଉଳ ମିଳୁଛି। ବଡବାପା ପୂର୍ଣ୍ଣଙ୍କ ପରିବାର ଖାଇବାକୁ ଖଣ୍ଡେ ଦେଲେ ଦୁଇ ଭଉଣୀଙ୍କ ପେଟ ପୁରୁଛି। ବଡ଼ ବାପା କୁଲି ମଜୁରୀ କରି ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିବାରୁ ଏହି ଦୁଇ ଶିଶୁଙ୍କ ବୋଝ ମୁଣ୍ଡାଇବା ତାଙ୍କ ନିକଟରେ ସମ୍ଭବପର ହେଉନାହିଁ। ଏହି ଦୁଇ ଭଉଣୀଙ୍କ ଭବିଷ୍ୟତ କିପରି ଗଢ଼ିବେ ତାକୁ ନେଇ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି ପୂର୍ଣ୍ଣ। ସେପଟେ ଗାଁ ସ୍କୁଲକୁ ପାଠପଢ଼ିବାକୁ କଷ୍ଟେମଷ୍ଟେ ଦୁଇଭଉଣୀ ଯାଉଛନ୍ତି। ଦୁଇ ଜଣଙ୍କ ମଧ୍ୟରୁ ରୀନା ପାଠପଢ଼ି ଶିକ୍ଷକ ହେବାପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ବାପା ଓ ମା'ଙ୍କୁ ହରାଇବା ପରେ ହରିଶ୍ଚନ୍ଦ୍ର ଯୋଜନା ଅଥବା ଅନ୍ୟକୌଣସି ସରକାରୀ ଯୋଜନାରେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ସହାୟତା ମିଳି ପାରିନଥିବା ଦୁଇ ଭଉଣୀ କହିଛନ୍ତି। ତୁରନ୍ତ ସରକାରଙ୍କ ପକ୍ଷରୁ ପଦକ୍ଷେପ ନେବା ସହ ଦୁଇ ଭଉଣୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ଗଜପତି ଉତ୍ସବ

# ବର୍ଷା ଯୋଗୁଁ ଫିକା ପଡ଼ିଲା ଦ୍ୱିତୀୟ ସନ୍ଧ୍ୟା





ପାରଳାଖେମୁଣ୍ଡି, ୧୯ ।୧୨(ସମିସ)

ପଶ୍ଚିମା ଝଡ଼ ପ୍ରଭାବରେ ଗଜପତି ଜିଲ୍ଲାରେ ହାଲୁକା ବର୍ଷା ହୋଇଛି । ତେବେ ଜିଲ୍ଲାର ସଦରମହକୁମା ଠାରେ ଚାଲିଥିବା ଗଜପତି ମହୋତ୍ସବ ଆଜି ଦ୍ୱିତୀୟ ରଜନୀରେ ବର୍ଷା ଯୋଗୁଁ ଫିକା ପଡିଛି । ସନ୍ଧ୍ୟା ସମୟରେ ଆରମ୍ଭ ହୋଇଥିବା ହାଲୁକା ବର୍ଷା ଯୋଗୁଁ ଉତ୍ସବ ସ୍ଥଳରେ ଜନସମାଗମ ହୋଇ ନଥିବାର ଦେଖିବାକୁ ମିଳିଥିଲା । ଆଜିର ଦ୍ୱିତୀୟ ଦିବସରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକୁ କାଣ୍ଟଛାଟ କରାଯାଇ ବିଳମ୍ବିତ ସନ୍ଧ୍ୟାରେ ଆରମ୍ଭ ହୋଇଥିବାର ଦେଖିବାକୁ ମିଳିଥିଲା । ଗଜପତି ଜିଲ୍ଲାପାଳ ତଥା ସଂସ୍କୃତି ପରିଷଦର ଅଧ୍ୟକ୍ଷ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟାକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜତିନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍. ଆନନ୍ଦ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଏମ୍. ସୁଧାରାଣୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମୀ ମଣ୍ଡଳ, ରାୟଗଡ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ନୂଆଗଡ ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ରା.ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥି ଗଣ ଗଜପତି ମାଟିର କଳା ସଂସ୍କୃତି, ପରମ୍ପରା ଆଦି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହାପରେ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ । ସଭା କାର୍ଯ୍ୟକ୍ରମ ପରେ ପରେ ଜିଲ୍ଲା, ରାଜ୍ୟ ତଥା ବିଭିନ୍ନ ଜିଲ୍ଲା, ରାଜ୍ୟ ବାହାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ସଂଗୀତ ମଞ୍ଚସ୍ଥ ହୋଇଥିଲା । ତେବେ ହାଲୁକା ବର୍ଷା ସତ୍ତ୍ୱେ ମଧ୍ୟ ଉପସ୍ଥିତ ଜନସାଧାରଣ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛତା ମୁଣ୍ଡାଇ ଉପଭୋଗ କରିଥିବାର ଦେଖିବାକୁ ମିଳିଥିଲା ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ ପାଳିତ



ଭଞ୍ଜନଗର, ୧୯ ।୧୨(ସମିସ): ବୁଧବାର ଦିନ ଓଷ୍ଟା ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ଶିଶୁ ଉତ୍ସବ ବଡ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବ୍ଲକ ସଭାପତି ପ୍ରଶାନ୍ତ କୁମାର ପ୍ରଧାନ ଏବଂ ସମ୍ପାଦକ ଶିବରାମ ମହାରଣାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ କଲ୍ୟାଣୀ ପାଢ଼ୀ, ମୁଖ୍ୟବକ୍ତା ଭାବେ କାଦୁଆ ସ୍ଥିତ ଗୋପୀନାଥ ସ୍ୱାମୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସଭାପତି ବିପ୍ର ଚରଣ ବାରିକ, ସରପଞ୍ଚ ରଶ୍ମିତା ସାହୁ, ବିଧାୟକ ପ୍ରତିନିଧି ଫକିର ମୋହନ ଜେନା, ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନା, ଅଲୋଷ୍ଟା ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଜିଲ୍ଲା ଯୁଗ୍ମ ସମ୍ପାଦକ ପିତାମ୍ବର ପାଢ଼ୀ ତଥା ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଗୌଡ଼ ସଭାପତି ଭାବେ ସଭା ପରିଚାଳନା କରିଥିଲେ। ଦଶଟି ପ୍ରତିଯୋଗିତାରେ ବ୍ଲକର ୩୩ଟି ବିଦ୍ୟାଳୟର ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଯୋଗଦେଇଥିଲେ। ୩୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ସାନଖେମୁଣ୍ଡି, ୧୯ ।୧୨(ସମିସ): ସାନଖେମୁଣ୍ଡି ବ୍ଲକ ସ୍ଥିତ ସରକାରୀ ଖଲିଙ୍ଗି ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ରଇତ ସଭାପତିତ୍ୱ କରିଥିଲେ। ୟମୁଖ୍ୟ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନଶିକ୍ଷକ ଶ୍ରିହରି ବାରିକ, ସାନଖେମୁଣ୍ଡି ବ୍ଲକର ଏବିଇଓ ରାମଚନ୍ଦ୍ର ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ରେ‡ୀ, ପୂର୍ବତନ ଶିକ୍ଷକ ଜଗବନ୍ଧୁ ରାଉତ, ସ୍ଥାନୀୟ ସରପଞ୍ଚ ଅର୍ଣ୍ଣବ ନାୟକ, ସମିତିସଭ୍ୟା ପ୍ରତିନିଧି ଭଗବାନ ରାଉତ ଏବଂ ବିଦାୟୀ ଶିକ୍ଷକ ନକୁଳ ଜେନା ଓ ଭାଜରମ୍ ସାମନ୍ତରା ମଞ୍ଚାସିନ ଅତିଥି ଥିଲେ। ୧୯୮୪ମସିହାର ଉକ୍ତ ବିଦ୍ୟାଳୟରେ ନକୁଳ ଜେନା ହିନ୍ଦୀ ଶିକ୍ଷକ ଓ ଭାଜରମ ସାମନ୍ତରା କ୍ରୀଡା ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ। ସେମାନଙ୍କର ଉତ୍ତମ କାର୍ଯ୍ୟକଳାପ, ଶିକ୍ଷକତା, ଅନୁଶାସନ ଓ ବ୍ୟବହାର ଇତ୍ୟାଦିର ଚର୍ଚ୍ଚା କେବଳ ବିଦ୍ୟାଳୟ ଭିତରେ ସୀମିତ ନ ଥିଲା। ଏହି ସଭାରେ ପୂର୍ବତନ ଛାତ୍ରଛାତ୍ରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ସୁନୀତା ନାୟକ ମଞ୍ଚ ପରିଚାଳନା ଓ ସୁଶ୍ରୀ ନିବେଦିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ରାଜସ୍ଥାନରେ ଟ୍ୟାଙ୍କ୍ ବିସ୍ଫୋରଣ

# ବୈପାରିଗୁଡ଼ାର ଯୁବକ ସହିଦ



କୋରାପୁଟ/ବୈପାରିଗୁଡ଼ା, ୧୯।୧୨(ସମିସ): ରାଜସ୍ଥାନରେ ଟ୍ୟାଙ୍କ ବିସ୍ଫୋରଣରେ ବୈପାରିଗୁଡ଼ା ବ୍ଲକ କେନ୍ଦୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବଡାଗୁଡ଼ା ଗ୍ରାମର ଇଶ୍ୱର ତଲିଆ ସହିଦ ହୋଇଛନ୍ତି। ବୀରପୁଅ ଇଶ୍ୱରଙ୍କୁ ହରାଇ ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖୁ ନଥିବା ବେଳେ ଇଶ୍ୱରଙ୍କୁ ଝୁରୁଛନ୍ତି ଗାଁ ଲୋକ ଓ ସାଙ୍ଗସାଥୀ। ଗୁରୁବାର ସକାଳେ ଏହି ଦୁଃଖଦ ଖବର ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ୨୦୧୧ ମସିହାରେ ସହିଦ ଇଶ୍ୱର ଭାରତୀୟ ସେନାରେ ଜବାନ ଭାବେ ନିଯୁକ୍ତି ପାଇଥିଲେ। ବର୍ତ୍ତମାନ ଜମ୍ମୁ ୪୬ ଆର୍ମଡ୍ ରେଜୀମେଣ୍ଟରେ କାର୍ଯ୍ୟରତ ଥିଲେ। ବୁଧବାର ସେ ଅନ୍ୟ ସହଯୋଗୀମାନଙ୍କ ସହ ରାଜସ୍ଥାନର ପୋଖରାନ ରେଞ୍ଜରେ ଫାଇରିଂ ଅଭ୍ୟାସ କରୁଥିବା ସମୟରେ ହଠାତ ଟ୍ୟାଙ୍କରେ ବୋମା ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଇଶ୍ୱର ଗୁରୁତର ଭାବେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଇଶ୍ୱରଙ୍କୁ ହେଲିକପ୍ଟର ଯୋଗେ ଚଣ୍ଡିଗଡ଼ ସ୍ଥିତ କମାଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେନା ପକ୍ଷରୁ ପରିବାର ଲୋକଙ୍କୁ ଫୋନ ଯୋଗେ ସୂଚନା ଆସିଥିଲା। ଖବର ପ୍ରଚାର ହେବା ମାତ୍ରେ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ଗାଁ ମାଟି ଫାଟି ପଡିଥିଲା। ସମସ୍ତେ ତାଙ୍କ ମୃତ୍ୟୁ ଖବର ଶୁଣି ସ୍ତବ୍ଧ ପାଲଟି ଯାଇଛନ୍ତି। ସହିଦ ଇଶ୍ୱରଙ୍କର ବାପା ପ୍ରଭୁ ତଲିଆ, ମା' ବୁଧେଇ ତଲିଆ, ପତ୍ନୀ ବାସନ୍ତୀ ତଲିଆ ଇଶ୍ୱରଙ୍କ ଅକାଳ ବିୟୋଗରେ ଭାଙ୍ଗି ପଡ଼ିଥିବାବେଳେ ଇଶ୍ୱରଙ୍କ ୮ ବର୍ଷର ଝିଅ ଓ ୨ ବର୍ଷର ପୁଅ ସବୁଦିନ ପାଇଁ ବାପା ସ୍ନେହରୁ ବଞ୍ଚିତ ହୋଇଛନ୍ତି। ଶୁକ୍ରବାର ସହିଦ ଇଶ୍ୱରଙ୍କ ପାର୍ଥିବ ଶରୀର ବୈପାରୀଗୁଡ଼ାରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ସମ୍ମାନର ସହ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯିବ ବୋଲି ଜଣାପଡ଼ିଛି।

# ମିଳିତ ଖ୍ରୀଷ୍ଟୀୟ ମଞ୍ଚ ପକ୍ଷରୁ ପ୍ରାକ-ଖ୍ରୀଷ୍ଟଜନ୍ମ ମହୋତ୍ସବ ପାଳିତ



ଫୁଲବାଣୀ, ୧୯।୧୨(ସମିସ): ମିଳିତ ଖ୍ରୀଷ୍ଟୀୟ ମଞ୍ଚ ପକ୍ଷରୁ ଫୁଲବାଣୀରେ ପ୍ରି-ଖ୍ରୀଷ୍ଟମାସ ମହୋତ୍ସବ ଅନୁଷ୍ଠିତ ହେଇଥିଲା। ଏ ଅବସରରେ ମାଦିକୁନ୍ଦା ଛକ ଠାରୁ ଆଚାର୍ଯ୍ୟ ଅମିତ ନାୟକଙ୍କ ନେତୃତ୍ୱରେ କୋର୍ଟ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆୟୋଜିତ ହେଇଥିଲା। ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଲୋକେ ପ୍ରଭୁ ଯୀଶୁଙ୍କ ଗୀତ ପରିବେଷଣ କରି ନାଚି ନାଚି ଗାନ୍ଧୀସ୍ମୃତି ଭବନକୁ ଆସିଥିଲେ। ସେଠାରେ ମିଳିତ ମଞ୍ଚର ସଭାପତି ପ୍ରବୀଣ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଶପ ଅବେଦ ନାୟକ ଓ ମୁଖ୍ୟବକ୍ତା ଭାବେ ରାୟଗଡ଼ାର ଆଚାର୍ଯ୍ୟ ପ୍ରମୋଦ କୁମାର ଗୁରୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତାମିଲନାଡୁର ପାଳକ ଟି.ଯୋଶେଫ, କାଥଲିକ ଚର୍ଚ୍ଚର ଫାଦର ପ୍ରଦୀପ ବେହେରା, ଡ଼. ଏନ ଲିନା ଚାନ୍ଦ, ଆଚାର୍ଯ୍ୟ ସୁଇଟବର୍ଣ୍ଣ ନାୟକ, ଡ଼. ସୂର୍ଯ୍ୟ ନାରାୟଣ ବେହେରା, ବିଶ୍ୱବାଣୀ ଚର୍ଚ୍ଚର ଜିଲ୍ଲା ସଂଯୋଜକ ଆଚାର୍ଯ୍ୟ ରଞ୍ଜନ ଦିଗାଲ ଯୋଗ ଦେଇଥିଲେ। ପ୍ରଦୀପ ଦିଗାଲ ଉପାସନା ସଙ୍ଗୀତ ପରିବେଷଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଲକ୍ଷ୍ମଣ ବେହେରା, କୋଷାଧ୍ୟକ୍ଷ ମାର୍ଟିନ ପ୍ରଧାନ, ବନମାଳୀ ଦିଗାଲ, ପ୍ରଦୀପ ଦିଗାଲ, ସନ୍ତୋଷ ନାୟକ ଓ ବାଳକୃଷ୍ଣ ଦିଗାଲ ସହଯୋଗ କରିଥିଲେ। ସୂର୍ଯ୍ୟ ନାରାୟଣ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ଛତ୍ରପୁର, ୧୯ ।୧୨(ସମିସ): ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନର ଭିତ୍ତିଭୂମିର ଉନ୍ନତୀ ପାଇଁ ସହଯୋଗ କରିବା ନିମନ୍ତେ ପ୍ରତିଶ୍ରୁତି ଦେବା ସହିତ ଛାତ୍ରୀମାନଙ୍କୁ ଶିକ୍ଷା ସହ କ୍ରୀଡାକୁ ବି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଓ ବ୍ରହ୍ମପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ସଚିବ ଡ଼ଃ କୁଳମଣି ଓଝା ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ସସ୍ମିତା ସାମନ୍ତରାୟ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଅଧ୍ୟାପିକା ପ୍ରମିତା ଚୌଧୁରୀ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ଅଧ୍ୟାପିକା ଜ୍ୟୋସ୍ନାରାଣୀ ବେହେରା କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ଅଧ୍ୟାପିକା କିରଣ ବାଳା ରଥଙ୍କ ପରିଚାଳନାରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପିକା କ୍ରିଷ୍ଣା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର୍ ଠକେଇ ସଚେତନତା ଶିବିର

ଭଞ୍ଜନଗର, ୧୯ ।୧୨(ସମିସ): ଭଞ୍ଜନଗର ଥାନା ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ ଠାରେ ଏକ ଟ୍ରାଫିକ ଓ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ କୁମର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରୋବିସେନାରୀ ଆଇପିଏସ ମନିସ ସଗୁନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇବର ଠକେଇର ବିଭିନ୍ନ ତରିକା ସହ ଠକେଇରୁ କିଭଳି ବର୍ତ୍ତି ହେବ ସେନେଇ ସଚେତନ କରାଇଥିଲେ। ନିଜେ ସଚେତନ ହେଲେ ଠକେଇରୁ ବର୍ତ୍ତି ହେବ ବୋଲି ଆଇପିଏସ ଶ୍ରୀମତି ସଗୁନ୍ କହିଥିଲେ। ସେହିପରି ସଡ଼କ ସୁରକ୍ଷା ଓ ସାଇବର ଠକେଇ ବାବଦରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଜିତ କୁମାର ନାୟକ ନିଜର ମତ ରଖିଥିଲେ। ଆଜିକାଲିର ଯୁବପିଢ଼ି ଓ କଲେଜ ଛାତ୍ରଛାତ୍ରୀ କିଭଳି ସଡକ ସୁରକ୍ଷା ନିୟମ ମାନି ଗାଡି ଚଳେଇବେ ସେ ବାବଦରେ ଏସଡିପିଓ ଶ୍ରୀ ନାୟକ କହିଥିଲେ। ଏହା ସହ ସାଇବର ଠକେଇରୁ ବର୍ତ୍ତିବା ପାଇଁ ନିଜେ ସଚେତନ ହେବା ସହ ଅଜଣା ଅଚିହ୍ନା ନମ୍ବରରୁ ଆସୁଥିବା ଫେକ୍ କଲ ଓ ଓଟିପି ସେୟାରରୁ ଦୁରେଇ ରହିବାକୁ ଶ୍ରୀ ନାୟକ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଭଞ୍ଜନଗର ଥାନା କର୍ମଚାରୀ ସଚେତନତା ଶିବିରରେ ଉପସ୍ଥିତ ଥିଲେ। ଥାନା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅରକ୍ଷିତ ପରିଚ୍ଛା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ନିମ୍ନ ମାନର କାମ

# ନିର୍ମାଣର ୫ ବର୍ଷରେ ରାସ୍ତା ମରଣଯନ୍ତା

ବେଲଗୁଣ୍ଠା, ୧୯ ।୧୨(ସମିସ)



ନିମ୍ନ ମାନର ରାସ୍ତା କାମ ଯୋଗୁଁ ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ରାସ୍ତା ଅବସ୍ଥା ଶୋଚନୀୟ। ବେଲଗୁଣ୍ଠା ବ୍ଲକର ଗୋବରା-ଷଡ଼ଙ୍ଗୀପଲ୍ଲୀ ପୂର୍ତ୍ତ ବିଭାଗ ରାସ୍ତାରୁ ବାହାରି ମାଧବରିଡା ଯାଇଥିବା ଏକ ରାସ୍ତାରେ ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ପ୍ରକାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ପୂର୍ତ୍ତବିଭାଗ ରାସ୍ତା ଠାରୁ ଭାୟା ବେଣୀପଲ୍ଲୀ ହୋଇ ମାଧବରିଡା ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ହୋଇଥିଲା।୨ କୋଟି ୪୨ ଲକ୍ଷ ବ୍ୟୟ ଅଟକଳରେ ଏହି ରାସ୍ତା କାମ ୧୬.୩.୨୦୧୮ ଠାରୁ ଆରମ୍ଭ ହୋଇ ୧୫.୦୩.୨୦୨୦ରେ ଶେଷ ହୋଇଥିଲା ଓ ରାସ୍ତାଟି ମୋଟ ୫ କି.ମି. ୧୦୦ ମିଟର ପିଚୁ କାମ ହୋଇଥିବା ବେଳେ ୯୦୦ ମିଟର କଂକ୍ରିଟ୍ କାମ ହୋଇଥିଲା। ରାସ୍ତାଟି ଭଞ୍ଜନଗର ଅଞ୍ଚଳର ଠିକାଦାର ଲକ୍ଷ୍ମୀ ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିଲା। ତେବେ କାର୍ଯ୍ୟ ଆରମ୍ଭରୁ ହିଁ ନିମ୍ନ ମାନର ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। କିନ୍ତୁ ସେତେବେଳେ ଏହି ଅଭିଯୋଗକୁ ପ୍ରଶାସନ ଗୁରୁତ୍ୱ ଦେଇନଥିଲା। ଫଳରେ ବର୍ତ୍ତମାନ ରାସ୍ତାଟି ମରଣ ଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ ବେଣୀପଲ୍ଲୀ, ମାଧବରୀଡା, ବରପଲୀ, କରାଗାଡିଆ, ବାଲିଭାଗ, ଗୋବରା, ଜୟନ୍ତୀ ଗଡ଼, ଓରିଗଡ଼, କଇଠପଲ୍ଲୀ, ଶ୍ରୀକରପୁର ଗ୍ରାମବାସୀ ଯାତାୟତବେଳେ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୨୭ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଜଗନ୍ନାଥପ୍ରସାଦ, ୧୯ ।୧୨(ସମିସ): ଜଗନ୍ନାଥପ୍ରସାଦ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ମନ୍ମଥ କୁମାର ମଳିକ ଯୋଗଦାନ କରି କ୍ରୀଡାବିତ୍ ମାନଙ୍କୁ କ୍ରୀଡା ଦ୍ୱାରା ଶାରିରୀକ ମାନସିକ ଓ ବୌଦ୍ଧିକ ବିକାଶ ହୁଏ ବୋଲି ଅବଗତ କରାଇଥିଲେ। କ୍ରୀଡ଼ା ସମ୍ପାଦକ ଡ଼ଃ ଜୟଦେବ ଗୌଡ଼ ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଶଙ୍କର୍ଷଣ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଇଂରାଜୀ ଅଧ୍ୟାପକ ସୁନୀରକାନ୍ତ ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଚାରକ ଭାବେ ଅଧ୍ୟାପକ ଓ ଅଧ୍ୟାପିକା ଆରତି ମହାପାତ୍ର, ମିହିର କୁମାର ଶତପଥି, ଭାସ୍କର ଗୌଡ଼, ସୁନିଲ କୁମାର ମୁନି, ହାଡୁବନ୍ଧୁ ପ୍ରଧାନ, ରାଧାମାଧବ ପ୍ରଧାନ, ଅଶ୍ୱିନ କୁମାର ପରମଗୁରୁ, ରାମମୂର୍ତ୍ତି ଦୋରା, ସୁଶାନ୍ତ କୁମାର ପାତ୍ର, ମନୋଜ ମିଶ୍ର, ଶଙ୍କର ନାୟକ, ଆସ୍ମା ନନ୍ଦ, ସୋନାଲି ବେହେରା, ସୁମିତ୍ରା ଗୌଡ଼, ନକୁଳ ପାତ୍ର ଯୋଗଦେଇ ବିଭିନ୍ନ କ୍ରିଡ଼ାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀକୁ ଚୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ଭାବେ ବିଭୁତି ଭୂଷଣ ପ୍ରଧାନ, ଦୁଷାସନ ରାଉତ, ଶିବାନନ୍ଦ ନାୟକ, ଦିଲିପ କୁମାର ନାୟକ ଯୋଗଦେଇ ବିଭିନ୍ନ କ୍ରୀଡ଼ାର ତଦାରଖ କରିଥିଲେ। ମଦନମାଝି, ସନ୍ତୋଷ କୁମାର ଦଳାଇ, ସରୋଜ କୁମାର ନାୟକ ସମେତ ସ୍ୱେଚ୍ଛାସେବୀ ମନୋଜ କୁମାର ପ୍ରଧାନ, ଚନ୍ଦ୍ରକାନ୍ତ ଷଡ଼ଙ୍ଗୀ, ଗୋପାଳ ପାତ୍ର, ପୂଜା ପ୍ରଧାନ, ଜାନକୀ ଦ୍ୱାରି, ଅନିତା ନାୟକ, ସୁଜ୍ଞାନି ନାୟକ, ଲିଜା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶଙ୍କର୍ଷଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



